Bhubaneswar, Friday, September 04, 2026
ଭୁବନେଶ୍ୱର,ଶୁକ୍ରବାର,ସେପ୍ଟେମ୍ବର ୦୪, ୨୦୨୬
Vol-01, Issue-124
ବର୍ଷ-୦୧, ସଂଖ୍ୟା -୧୨୪

www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
# THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୭୭୦୧୦୦୭

## ଏମଏସଏମଇ ଗ୍ଲୋବାଲ ମାର୍ଟ ପୋର୍ଟାଲରେ ଓଡ଼ିଶା ରାଜ୍ୟ ଇ-ପାଭିଲିୟନର ଶୁଭାରମ୍ଭ କଲେ ମୁଖ୍ୟ ଶାସନ ସଚିବ




ଭୁବନେଶ୍ୱର,୩/ ୯ :ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଆଜି ଏମଏସଏମଇ ଗ୍ଲୋବାଲ ମାର୍ଟରେ ଓଡ଼ିଶା ରାଜ୍ୟ ଇ-ପାଭିଲିୟନର ଶୁଭାରମ୍ଭ କରିଛନ୍ତି । ଓଡ଼ିଶାର କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ଅଧିକ ପରିଚିତି ଦେବା ସହ ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ସେମାନଙ୍କ ପ୍ରବେଶକୁ ସୁଗମ କରିବା ଉଦ୍ଦେଶ୍ୟରେ ଏହି ସ୍ୱତନ୍ତ୍ର ଡିଜିଟାଲ ମଞ୍ଚ ପ୍ରସ୍ତୁତ କରାଯାଇଛି । ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡ. ଶୁଭ୍ରାଂଶୁ ଶେଖର ଆଚାର୍ଯ୍ୟଙ୍କ ଉପସ୍ଥିତିରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଏହାର ଔପଚାରିକ ଶୁଭାରମ୍ଭ କରିଥିଲେ ।ପ୍ରାରମ୍ଭରେ ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡ. ଆଚାର୍ଯ୍ୟ ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କୁ ସାକ୍ଷାତ କରି ଓଡ଼ିଶାରେ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ ପରିବେଶକୁ ସୁଦୃଢ଼ କରିବା ପାଇଁ ସହଯୋଗମୂଳକ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ । ଆଲୋଚନା ସମୟରେ ଡ. ଆଚାର୍ଯ୍ୟ ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମର ବିଭିନ୍ନ ପ୍ରମୁଖ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ଏଥିରେ ଭାରତ ସରକାରଙ୍କ ଅନୁସୂଚିତ ଜାତି-ଅନୁସୂଚିତ ଜନଜାତି କେନ୍ଦ୍ର ପ୍ରକଳ୍ପ, ଦଳଗତ ସଶକ୍ତିକରଣ ପଦକ୍ଷେପ, ଏସଆରଆଇ ପାଣ୍ଠି ଆଦି ଅଭିଳାଷୀ ପଦକ୍ଷେପ ସାମିଲ ରହିଛି । ନିକଟରେ ଶୁଭାରମ୍ଭ ହୋଇଥିବା ଏମଏସଏମଇ ଗ୍ଲୋବାଲ ମାର୍ଟ ୨.୦ ଏବଂ ଓଡ଼ିଶାର କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ବଜାର ସହ ଯୋଡ଼ିବା ପାଇଁ ନିଆଯାଉଥିବା ପ୍ରୟାସ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ରାଜ୍ୟର କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ଅଧିକ ପ୍ରତିଯୋଗିତାମୂଳକ ଓ ବଜାର ସହ ଅଧିକ ସଂଯୋଜିତ କରିବା ଉଦ୍ଦେଶ୍ୟରେ ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମ ଓ ଓଡ଼ିଶା ସରକାରଙ୍କ ପ୍ରୟାସଗୁଡ଼ିକର ସମନ୍ୱୟ ଉପରେ ଉଭୟ ପକ୍ଷ ସହମତ ହୋଇଥିଲେ । ଏହି ଉଦ୍ଦେଶ୍ୟରେ ମୁଖ୍ୟ ଶାସନ ସଚିବ ସମଗ୍ର ସରକାରୀ ବ୍ୟବସ୍ଥାର ଏକୀକୃତ ଆଭିମୁଖ୍ୟ ଉପରେ ଗୁରୁତ୍ୱ ଦେଇ ଡିଜିଟାଲ ସକ୍ଷମତା, ସମାବେଶୀ ସରକାରୀ କ୍ରୟ ଏବଂ ଓଡ଼ିଶାର କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ପାଇଁ ବର୍ଦ୍ଧିତ ବଜାର ପ୍ରବେଶ ସୁନିଶ୍ଚିତ କରିବାକୁ କହିଥିଲେ ।

## ନୂଆଦିଲ୍ଲୀରେ ଉପରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନଙ୍କୁ ସାକ୍ଷାତ କଲେ ଓଡ଼ିଶା ରାଜ୍ୟପାଳ



ଭୁବନେଶ୍ୱର,୩/ ୯ :ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଗୁରୁବାର ନୂଆଦିଲ୍ଲୀ ଗସ୍ତ ସମୟରେ ଉପରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ସୌଜନ୍ୟ ସାକ୍ଷାତ ସମୟରେ ରାଜ୍ୟପାଳ ଓ ଉପରାଷ୍ଟ୍ରପତି ଓଡ଼ିଶାର ବିକାଶ, ଶାସନ ବ୍ୟବସ୍ଥା ଏବଂ ସାମାଜିକ-ଆର୍ଥିକ କଲ୍ୟାଣ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ରାଜ୍ୟର ବିକାଶମୂଳକ ପ୍ରାଥମିକତା ଏବଂ ଚାଲୁ ରହିଥିବା ଜନକଲ୍ୟାଣମୂଳକ ପଦକ୍ଷେପ ସମ୍ପର୍କରେ ଉଭୟେ ନିଜ ନିଜ ମତ ବିନିମୟ କରିଥିଲେ । ଏଥିସହ ଭିତ୍ତିଭୂମିର ବିକାଶକୁ ଆହୁରି ତ୍ୱରାନ୍ୱିତ କରିବାର ଉପାୟ ନେଇ ମଧ୍ୟ ଆଲୋଚନା ହୋଇଥିଲା ।

ଓଡ଼ିଶାରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର ସଫଳ ଓ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ସମ୍ପର୍କରେ ମଧ୍ୟ ଦୁଇ ବରିଷ୍ଠ ବ୍ୟକ୍ତିତ୍ୱ ଆଲୋଚନା କରିଥିଲେ । ଏହି ଯୋଜନାଗୁଡ଼ିକର ସୁବିଧା ରାଜ୍ୟର ସମସ୍ତ ଅଞ୍ଚଳର ଲୋକଙ୍କ ନିକଟରେ ପହଞ୍ଚିବା ସୁନିଶ୍ଚିତ କରିବାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ଡ. କମ୍ଭମପାଟି ଗୁରୁବାର ସକାଳେ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିଥିଲେ । ଜାତୀୟ ରାଜଧାନୀରେ ତାଙ୍କ ରହଣି ସମୟରେ ସେ ବିଭିନ୍ନ କାର୍ଯ୍ୟକ୍ରମ ଓ ସଭାସମାରୋହରେ ଯୋଗଦେବାକୁ ଥିବାର ସୂଚନା ମିଳିଛି ।ଏହି ଗସ୍ତ ସମୟରେ ସେ ବିଭିନ୍ନ ବରିଷ୍ଠ ବ୍ୟକ୍ତିତ୍ୱଙ୍କୁ ମଧ୍ୟ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି ।

## ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରିବ ଇଡ୍‌କୋର ୩୭ଟି ପ୍ରକଳ୍ପକୁ ଜମି ବଣ୍ଟନ କମିଟିର ଅନୁମୋଦନ



ଭୁବନେଶ୍ୱର,୩/ ୯ :ଓଡ଼ିଶାରେ ଶିଳ୍ପ ବିକାଶକୁ ଅଧିକ ଗତିଶୀଳ କରିବା ଏବଂ ନିବେଶକଙ୍କ ପାଇଁ ବ୍ୟବସାୟିକ ସୁଗମତା ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଓଡ଼ିଶା ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ (ଇଡ୍ ?କୋ)ର ଜମି ବଣ୍ଟନ କମିଟି ୩୭ଟି ପ୍ରକଳ୍ପ ପ୍ରସ୍ତାବକୁ ଅନୁମୋଦନ କରିଛି । ଗତକାଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଇଡକୋ ଅଧ୍ୟକ୍ଷ ଶ୍ରୀମତୀ ଉଷା ପାଢୀଙ୍କ ପୌରହିତ୍ୟରେ ଅନୁଷ୍ଠିତ କମିଟିର ବୈଠକରେ ଏହି ପ୍ରସ୍ତାବ ଅନୁମୋଦିତ ହୋଇଛି ।

ଅନୁମୋଦିତ ପ୍ରସ୍ତାବ ମଧ୍ୟରେ ବୃହତ ଶିଳ୍ପ ପ୍ରକଳ୍ପ ପାଇଁ ୨୪ଟି ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ୧୩ଟି ଜମି ପ୍ରସ୍ତାବ ସାମିଲ ରହିଛି । ଏହି ଅନୁମୋଦନ ଦ୍ୱାରା ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ ହେବା ସହ ସ୍ଥାନୀୟ ସ୍ତରରେ ନିଯୁକ୍ତି ସୁଯୋଗ ବୃଦ୍ଧି, ଆଞ୍ଚଳିକ ଶିଳ୍ପ ବିକାଶ ଏବଂ ଯୋଗାଣ ଶୃଙ୍ଖଳାକୁ ଅଧିକ ସୁଦୃଢ଼ କରିବାରେ ସହାୟକ ହେବ ।

ଜମି ସମ୍ପର୍କିତ ପ୍ରସ୍ତାବଗୁଡ଼ିକର ଶୀଘ୍ର ଫଇସଲା ଇଡ୍ ?କୋର ସମୟବଦ୍ଧ ନିଷ୍ପତ୍ତି ଗ୍ରହଣ, ସୁଦୃଢ଼ ଜମି ପରିଚାଳନା ଏବଂ ନିବେଶକ-ଅନୁକୂଳ ପରିବେଶ ସୃଷ୍ଟି ପ୍ରତି ଏହାର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଶୀଘ୍ର ପ୍ରକ୍ରିୟାକରଣ ଓ ସମୟବଦ୍ଧ ଅନୁମୋଦନ ମାଧ୍ୟମରେ ବୃହତ ଶିଳ୍ପ ସହ ଉଦୀୟମାନ ଉଦ୍ୟୋଗ ଏବଂ ଏମ୍ ଏସ୍ ଏମ୍ ଇ ଗୁଡ଼ିକ ପାଇଁ ଏକ ଅଧିକ ସ୍ୱଚ୍ଛ, ନିର୍ଭରଯୋଗ୍ୟ ଓ ସୁଗମ ଶିଳ୍ପ ପରିବେଶ ଗଠନ ଉପରେ ଗୁରୁତ୍ୱ ଦିଆଯାଉଛି ।

କେବଳ ପ୍ରଶାସନିକ ଅନୁମୋଦନରେ ସୀମିତ ନ ରହି ପ୍ରକଳ୍ପଗୁଡ଼ିକର ଭୂମିସ୍ତରୀୟ କାର୍ଯ୍ୟାନ୍ୱୟନ ଉପରେ ମଧ୍ୟ ଇଡ୍ ?କୋ ବିଶେଷ ଗୁରୁତ୍ୱ ଦେଉଛି । ଶ୍ରୀମତୀ ପାଢ଼ୀଙ୍କ ନେତୃତ୍ୱରେ ଖୋର୍ଦ୍ଧା, କଟକ ଓ କଳିଙ୍ଗନଗର ସମେତ ବିଭିନ୍ନ ରଣନୈତିକ ଶିଳ୍ପ କରିଡର ଏବଂ ଶିଳ୍ପାଞ୍ଚଳରେ ନିୟମିତ କ୍ଷେତ୍ର ପରିଦର୍ଶନ ଓ ସ୍ଥଳସ୍ତରୀୟ ସମୀକ୍ଷା କରାଯାଉଛି ।

ଏହି ପରିଦର୍ଶନ ସମୟରେ ଜମି ଉନ୍ନୟନ ଓ ସମତଳୀକରଣ, ମାଷ୍ଟର ପ୍ଲାନିଂ, ବିଦ୍ୟୁତ ଓ ଜଳ ଯୋଗାଣ, ସଡ଼କ ଓ ଯୋଗାଯୋଗ ବ୍ୟବସ୍ଥା, ମାଲ ପରିବହନ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଶିଳ୍ପ ଭିତ୍ତିଭୂମିର ସ୍ଥିତିକୁ ପ୍ରତ୍ୟକ୍ଷ ଭାବେ ସମୀକ୍ଷା କରାଯାଉଛି । ଶିଳ୍ପାଞ୍ଚଳରେ କର୍ମଚାରୀଙ୍କ ପାଇଁ ଆବଶ୍ୟକ ସୁବିଧା ସହ କାର୍ଯ୍ୟରତ ମହିଳା କର୍ମଚାରୀଙ୍କ ନିମନ୍ତେ ସୁରକ୍ଷିତ, ସୁଗମ ଓ ଆବଶ୍ୟକୀୟ ଭିତ୍ତିଭୂମି ଉପଲବ୍ଧତା ଉପରେ ମଧ୍ୟ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି ।

ପ୍ରଶାସନିକ ଅନୁମୋଦନ ଏବଂ ପ୍ରକଳ୍ପର ପ୍ରକୃତ କାର୍ଯ୍ୟାନ୍ୱୟନ ମଧ୍ୟରେ ଥିବା ବ୍ୟବଧାନକୁ କମାଇବା ଏହି କ୍ଷେତ୍ରସ୍ତରୀୟ ତଦାରଖର ମୁଖ୍ୟ ଉଦ୍ଦେଶ୍ୟ । ସ୍ଥଳସ୍ତରୀୟ ସମୀକ୍ଷା ମାଧ୍ୟମରେ ଭିତ୍ତିଭୂମି ସମ୍ପର୍କିତ ସମସ୍ୟା ଓ ଅଭାବଗୁଡ଼ିକୁ ତ୍ୱରିତ ଚିହ୍ନଟ କରାଯାଇ ସମ୍ପୃକ୍ତ ବିଭାଗ ଓ ସଂସ୍ଥାଗୁଡ଼ିକ ସହ ସମନ୍ୱୟରେ ସମୟବଦ୍ଧ ପଦକ୍ଷେପ ନିଆଯାଉଛି ।

ଦ୍ରୁତ ପ୍ରଶାସନିକ ଅନୁମୋଦନ ଓ ନିୟମିତ କ୍ଷେତ୍ରସ୍ତରୀୟ ତଦାରଖ , ଏହି ଦ୍ୱିମୁଖୀ ରଣନୀତିର ଲକ୍ଷ୍ୟ ହେଉଛି ଶିଳ୍ପ ଜମି ବଣ୍ଟନକୁ କେବଳ ଏକ ପ୍ରଶାସନିକ ପ୍ରକ୍ରିୟା ଭାବେ ସୀମିତ ନ ରଖି ଏହାକୁ ବାସ୍ତବ ପୁଞ୍ଜିନିବେଶ, ନିଯୁକ୍ତି ସୃଷ୍ଟି ଓ ଦୀର୍ଘମିଆଦୀ ଅର୍ଥନୈତିକ ବିକାଶରେ ପରିଣତ କରିବା ।

ସୁଦୃଢ଼ ଜମି ପରିଚାଳନା, ଉନ୍ନତ ଶିଳ୍ପ ଭିତ୍ତିଭୂମି ଏବଂ ନିବେଶକ ସୁଗମତାକୁ ନିରନ୍ତର ପ୍ରାଥମିକତା ଦେଇ ଇଡ୍ ?କୋ ଓଡ଼ିଶାକୁ ଏକ ଦ୍ରୁତଗତିଶୀଳ, ପ୍ରତିଯୋଗିତାମୂଳକ ଓ ନିବେଶ-ଅନୁକୂଳ ଶିଳ୍ପ ଗନ୍ତବ୍ୟସ୍ଥଳ ଭାବେ ଗଢ଼ି ତୋଳିବା ଦିଗରେ କାର୍ଯ୍ୟ କରୁଛି । ଏହା ମାଧ୍ୟମରେ ବୃହତ ଶିଳ୍ପ ନିବେଶ ସହ ଏମ୍ ଏସ୍ ଏମ୍ ଇ କ୍ଷେତ୍ରର ବିସ୍ତାର, ସ୍ଥାନୀୟ ନିଯୁକ୍ତି ସୃଷ୍ଟି ଏବଂ ସମାବେଶୀ ଓ ଆଞ୍ଚଳିକ ଭାରସାମ୍ୟପୂର୍ଣ୍ଣ ଶିଳ୍ପ ବିକାଶକୁ ଅଧିକ ଗତି ମିଳିବ ।

## ବିଜେପି ସରକାର "ଘୋଷଣାର ନୁହେଁ, କାମର ସରକାର" : ମନମୋହନ ସାମଲ



ଭୁବନେଶ୍ୱର,୩/ ୯ : ରାଜ୍ୟରେ ଜଳସେଚନର ବିସ୍ତାର ହେଲେ ଚାଷ ବଢ଼ିବ, ଚାଷ ବଢ଼ିଲେ ଚାଷୀଙ୍କ ଆୟ ବଢ଼ିବ ଏବଂ ଚାଷୀ ସମୃଦ୍ଧ ହେଲେ ଓଡ଼ିଶା ସମୃଦ୍ଧ ହେବ । ଏହାକୁ ମୂଳ ଆଧାର କରି ଓଡ଼ିଶାର ଚାଷୀଙ୍କ କ୍ଷେତକୁ ଜଳ ପହଁଚାଇବା ହେଉଛି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ ରାଜ୍ୟ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି । ଗତ ଦୁଇ ବର୍ଷରେ ଓଡ଼ିଶାରେ ପ୍ରାୟ ୫୪ ହଜାର କୋଟିର ଜଳ ଭିତିଭୂମି କାର୍ଯ୍ୟ ଅନୁମୋଦିତ ହୋଇଛି । ଏହା କେବଳ ଏକ ବଡ଼ ଆର୍ଥିକ ଆକଳନ ନୁହେଁ; ଏହା ଓଡ଼ିଶାର ଚାଷୀଙ୍କ ଭବିଷ୍ୟତରେ ଏକ ବଡ଼ ନିବେଶ । ଗତ ଦୁଇ ବର୍ଷରେ ପ୍ରାୟ ୩.୨ ଲକ୍ଷ ହେକ୍ଟର ଚାଷଜମିକୁ ଅତିରିକ୍ତ ଜଳସେଚନ ସୁବିଧା ପହଞ୍ଚିଛି । ଏହା ଚାଷୀଙ୍କୁ ବର୍ଷା ଉପରେ ନିର୍ଭରଶୀଳତା କମାଇ ଅଧିକ ନିଶ୍ଚିତତାର ସହ ଚାଷ କରିବାର ସୁଯୋଗ ଦେବ । ରାଜ୍ୟରେ ୭୭୦ଟି ନୂଆ ଚେକ୍ ଡ୍ୟାମ୍ ଏବଂ ୯ଟି ନଦୀ ଗର୍ଭାଜଳ ସଂରକ୍ଷଣ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି । ଏଥିସହ ୧,୩୧୨ଟି ପୁରୁଣା ଚେକ୍ ଡ୍ୟାମ୍‌ର ପୁନରୁଦ୍ଧାର କରାଯାଇଛି । ଅର୍ଥାତ୍ ଜଳସେଚନ ସହିତ ଜଳ ସଂରକ୍ଷଣକୁ ମଧ୍ୟ ସରକାର ସମାନ ଗୁରୁତ୍ୱ ଦେଉଛନ୍ତି । ସେହିପରି ଗତ ଦୁଇ ବର୍ଷରେ ରାଜ୍ୟରେ ୬ଟି ମେଗା ଲିଫ୍ଟ ଇରିଗେସନ୍ ପ୍ରକଳ୍ପ ଓ ୩୨ଟି ମାଇନର୍ ଇରିଗେସନ୍ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି । ଏହା ସହିତ ୫୮ଟି ନୂଆ ମେଗା ଲିଫ୍ଟ ଇରିଗେସନ୍ ପ୍ରକଳ୍ପରେ କାମ ଚାଲିଛି, ଯାହା ଉଚ୍ଚଭୂମି ଓ ଜଳସେଚନରୁ ବଂଚିତ ଅଂଚଳର ଚାଷୀଙ୍କ ପାଇଁ ବିଶେଷ ଗୁରୁତ୍ୱ ବହନ କରେ । ଅନ୍ୟ ପଟେ ଦୀର୍ଘଦିନ ଧରି ଅଟକି ରହିଥିବା କେନ୍ଦୁଝର ଜିଲ୍ଲାରେ ବୈତରଣୀ ନଦୀ ଉପରେ କାନୁପୁର ଜଳସେଚନ ପ୍ରକଳ୍ପର ଡ୍ୟାମ୍ କାର୍ଯ୍ୟ ଗତ ଅଗଷ୍ଟ ୩୧ରେ ସମ୍ପୂର୍ଣ୍ଣ ହୋଇଛି । ରାଜ୍ୟରେ କେନାଲ୍ ନେଟୱାର୍କ ଆସନ୍ତା ଏକ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରି ପ୍ରାୟ ୨୫,୦୦୦ ହେକ୍ଟର ଜମିକୁ ଜଳସେଚନ କରିବାର ଲକ୍ଷ୍ୟ ରହିଛି । ଏହା ଘୋଷଣାର ସରକାର ନୁହେଁ, କାମର ସରକାର ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି ।

## ଡାଟା-ଭିତ୍ତିକ ବିପର୍ଯ୍ୟୟ ପରିଚାଳନା ପାଇଁ ୟୁଏନ୍‌ଡିପି ଏବଂ ସିଭିକ୍ ଡାଟା ଲ୍ୟାବ୍ ସହିତ ଓସ୍‌ଡମାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ




ଭୁବନେଶ୍ୱର,୩/ ୯ : ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଡାଟା-ଭିତ୍ତିକ, ବୈଜ୍ଞାନିକ ଏବଂ ପ୍ରଯୁକ୍ତିସମ୍ପନ୍ନ ତଥା ସୁଦୃଢ଼ କରିବା ଦିଗରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ତଥା ଓସ୍‌ଡମା (OSDMA)ପକ୍ଷରୁ ଆଜି ଲୋକସେବା ଭବନ କନଭେନସନ ସେଣ୍ଟରଠିରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର (MoU) ସ୍ୱାକ୍ଷରିତ ହୋଇଛି । ଜାତିସଂଘ ବିକାଶ କାର୍ଯ୍ୟକ୍ରମ ବା ୟୁଏନ୍‌ଡିପି (UNDP) ଏବଂ ସିଭିକ୍ ଡାଟା ଲ୍ୟାବ୍ (CivicDataLab) ସହିତ ଏହି ସହଭାଗିତା ସ୍ଥାପନ କରାଯାଇଛି । ଏହି ଦୁଇଟି ପ୍ରମୁଖ ସହଯୋଗିତା ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା କ୍ଷମତାକୁ ତୃଣମୂଳ ସ୍ତରରେ ଅଧିକ ସୁଦୃଢ଼ କରିବା ସହିତ ରାଜ୍ୟକୁ ଏକ ବିପର୍ଯ୍ୟୟ ସହନଶୀଳ ଓ ସୁରକ୍ଷିତ ରାଜ୍ୟରେ ପରିଣତ କରିବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ମତବ୍ୟକ୍ତ କରିଛନ୍ତି ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ୟୁଏନ୍ ?ଡିପି (ଟଘଉଚ) ଭାରତର ଆବାସିକ ପ୍ରତିନିଧି ଶ୍ରୀମତୀ ଆଞ୍ଜେଲା ଲୁସିଗି ଏବଂ ସିଭିକ୍ ଡାଟା ଲ୍ୟାବ୍ ?ର ନିର୍ଦ୍ଦେଶକ ତଥା ସହ-ପ୍ରତିଷ୍ଠାତା ଶ୍ରୀ ଗୌରବ ଗୋଧୱାନୀଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଙଝଉଗଇ ପକ୍ଷରୁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀମତୀ ସୁସ୍ମିତା ବେହେରା ଏହି ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ କ୍ଷ ଏହି ଅବସରରେ ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରକାଶ କରିଛନ୍ତି ଯେ, ବିପର୍ଯ୍ୟୟ ଘଟିବା ପରେ କେବଳ ପ୍ରତିକ୍ରିୟା ପ୍ରକାଶ କରିବା ପରିବର୍ତ୍ତ ? ବିପର୍ଯ୍ୟୟ ପୂର୍ବରୁ ସଠିକ୍ ତଥ୍ୟ ଆଧାରରେ ପ୍ରସ୍ତୁତ ରହିବା ଏବଂ ବିପଦକୁ ଆକଳନ କରିବା ଆଜିର ସମୟର ଆହ୍ୱାନ । ସଠିକ୍ ତଥ୍ୟ ଆଧାରିତ ନିଷ୍ପତ୍ତି ହିଁ ଲୋକଙ୍କ ଧନଜୀବନ ରକ୍ଷା କରିବା ସହ ବିକାଶମୂଳକ ଯୋଜନାକୁ ଅଧିକ ସୁଦୂରପ୍ରସାରୀ କରିପାରିବ । ସୁବ୍ୟବସ୍ଥିତ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ଓଡ଼ିଶାର ସ୍ୱୀକୃତିକୁ ଏହି ନୂତନ ସହଭାଗିତା ନୂତନ ପରିଚୟ ଦେବ ।

ସୂଚନାଯୋଗ୍ୟ ଯେ, ଏହି ସହଭାଗିତା ଅଧୀନରେ ଓସ୍ ?ଡମା (OSDMA) ଏବଂ ୟୁଏନ୍ ?ଡିପି (UNDP) ମିଳିତ ଭାବେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଏକ ବ୍ୟାପକ 'ବିପଦ, ଆଶଙ୍କା ଏବଂ ସଂକଟାପନ୍ନ ସ୍ଥିତି ଆକଳନ' ଜିଲ୍ଲାରେ ଗ୍ରାମ ସ୍ତରରୁ ଏବଂ ଅବଶିଷ୍ଟ ୨୦ଟି ଜିଲ୍ଲାରେ ଗ୍ରାମ ପଞ୍ଚାୟତ ସ୍ତରରୁ ତଥ୍ୟ ସଂଗ୍ରହ କରାଯିବ । ଏହି ସମସ୍ତ ତଥ୍ୟକୁ ନେଇ ଏକ ଡାଇନାମିକ୍ ଏଓଝ-ସକ୍ଷମ ଡିଜିଟାଲ୍ ପ୍ଲାଟଫର୍ମ ପ୍ରସ୍ତୁତ ହେବ, ଯାହା ଜଳବାୟୁ ପରିବର୍ତ୍ତନ ଅନୁସାରେ ନିୟମିତ ଅପଡେଟ୍ ହୋଇପାରିବ ଏବଂ ଜିଲ୍ଲା ସ୍ତରୀୟ ରିସ୍କ ଆଟଲାସ୍ ତଥା ନୀତି ନିର୍ଦ୍ଧାରଣରେ ସହାୟକ ହେବ । ଏହି ଐଜଠଇ ଆକଳନ ସମ୍ପୂର୍ଣ୍ଣ ଡିଜିଟାଲ୍ ପ୍ଲାଟଫର୍ମରେ ପ୍ରସ୍ତୁତ ହେବ । ଜଳବାୟୁ ପରିବର୍ତ୍ତନର ପ୍ରଭାବ ଅନୁସାରେ ଏହାକୁ ସମୟାନୁସାରେ ଅପଡେଟ୍ (Dynamic Update) କରାଯାଇପାରିବ । ଏହାଦ୍ୱାରା ରାଜ୍ୟରେ ବିପର୍ଯ୍ୟୟ ପ୍ରଶମନ, ପୂର୍ବ ପ୍ରସ୍ତୁତି, ଜଳବାୟୁ ସହନଶୀଳତା ଏବଂ ଦୀର୍ଘସ୍ଥାୟୀ ବିକାଶ ମୂଳକ ଯୋଜନା ପାଇଁ ଏକ ସଠିକ୍ ଓ ବୈଜ୍ଞାନିକ ଆଧାର ବ୍ୟବସ୍ଥା ଉପଲବ୍ଧ ହେବ ।

ବିପର୍ଯ୍ୟୟ ପରିଚାଳନା ତଥା ସ୍ଥାନୀୟ ସମୁଦାୟର ସହନଶୀଳତା, ପୂର୍ବପ୍ରସ୍ତୁତି ଏବଂ ଦକ୍ଷତା ବୃଦ୍ଧିରେ ଟଘଉଚର ଦୀର୍ଘ ବର୍ଷର ବିଶ୍ୱସ୍ତରୀୟ ତଥା ଜାତୀୟ ଅଭିଜ୍ଞତା ଓଡ଼ିଶାକୁ ଏହି କ୍ଷେତ୍ରରେ ବିଶେଷ ଭାବେ ସହାୟକ ହେବ ବୋଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରକାଶ କରିଛନ୍ତି ।

ଅନ୍ୟପକ୍ଷରେ, ସିଭିକ୍ ଡାଟା ଲ୍ୟାବ୍ ସହିତ ହୋଇଥିବା ଅଣ-ଆର୍ଥିକ ଚୁକ୍ତିନାମା ଓଡ଼ିଶାରେ ବିପର୍ଯ୍ୟୟ ବିପଦ ହ୍ରାସ ପାଇଁ ଏକ ସ୍ୱତନ୍ତ୍ର 'ଡିଜିଟାଲ୍ ପବ୍ଲିକ୍ ଇନଫ୍ରାଷ୍ଟ୍ରକ୍ଚର' ଗଠନ କରିବ । ଏହି ସଂସ୍ଥା ନିଜର 'ଇଣ୍ଟେଲିଜେଣ୍ଟ ଡାଟା ସଲ୍ୟୁସନ୍ସ ଫର୍ ଡିଜାଷ୍ଟର ରିସ୍କ ରିଡକ୍ସନ୍' ପ୍ଲାଟଫର୍ମ ମାଧ୍ୟମରେ ବିଭିନ୍ନ ବିଭାଗର ତଥ୍ୟକୁ ଏକତ୍ରିତ କରି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ସମସ୍ତ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମାନଙ୍କ ପାଇଁ ରିଅଲ-ଟାଇମ୍ ଡ୍ୟାସବୋର୍ଡ ଏବଂ ବିଶ୍ଳେଷଣାତ୍ମକ ତଥ୍ୟ ଉପଲବ୍ଧ କରାଇବ । ପ୍ରାରମ୍ଭିକ ପର୍ଯ୍ୟାୟରେ ନଦୀ ବନ୍ୟା, ଉପକୂଳବର୍ତ୍ତୀ ବନ୍ୟା ଏବଂ ଗ୍ରୀଷ୍ମ ପ୍ରବାହ/ ଅଂଶୁଘାତ ଜନିତ ବିପଦ ଉପରେ ଏହା ସଠିକ୍ ପୂର୍ବାନୁମାନ ଓ ତ୍ୱରିତ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବ । ଏହି ବ୍ୟବସ୍ଥା ଦ୍ୱାରା ବିଭିନ୍ନ ବିଭାଗ ଓ ଉତ୍ସରୁ ମିଳୁଥିବା ତଥ୍ୟକୁ ଏକତ୍ରିତ ତଥା ସମନ୍ୱିତ କରି ଏକ ମାନକ ରୂପ ଦିଆଯିବ ।

ଏହି ଦୁଇଟି ବୁଝାମଣାପତ୍ର ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ପାରମ୍ପରିକ ପଦ୍ଧତିରୁ ଉର୍ଦ୍ଧ୍ୱକୁ ନେଇ ସମ୍ପୂର୍ଣ୍ଣ ବୈଜ୍ଞାନିକ, ଡାଟା-ଭିତ୍ତିକ ଏବଂ ଡିଜିଟାଲ୍ ଭାବେ ଅଧିକ ଶକ୍ତିଶାଳୀ କରିବ । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ 'ଜିରୋ କାଜୁଆଲିଟି' ଲକ୍ଷ୍ୟ ହାସଲ ଦିଗରେ ଏହା ଏକ ବଡ଼ ପଦକ୍ଷେପ ସାବ୍ୟସ୍ତ ହେବ ବୋଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରକାଶ କରିଛନ୍ତି । ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ସ୍ୱ ?ଶାଲ୍ ରିଲିଫ୍ କମିଶନର ଶ୍ରୀ ରାଜେଶ ପ୍ରଭାକର ପାଟିଲ୍, ଙଝଉଗଇର ପରାମର୍ଶଦାତା ଡ. କମଳ ଲୋଚନ ମିଶ୍ର, ଙଝଉଗଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀମତୀ ସୁସ୍ମିତା ବେହେରା ଏବଂ ବିଭାଗୀୟ ଅଧିକାରୀବୃନ୍ଦ, କୃଷି, ପଞ୍ଚାୟତିରାଜ, ଗୃହ ଓ ନଗର ଉନ୍ନୟନ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ମିଶନ ଶକ୍ତି, ଜଳସଂପଦ ତଥା ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

ପ୍ରତିଶବ୍ଦ TV

ଭୁବନେଶ୍ୱର,ଶୁକ୍ରବାର, ସେପ୍ଟେମ୍ବର ୦୪, ୨୦୨୬

ସମ୍ପାଦକୀୟ

## ହାସିନାଙ୍କ ବାଂଲା ପ୍ରତ୍ୟାବର୍ତ୍ତନ ଯୋଜନା

ଭାରତରେ ଦୀର୍ଘ ଦୁଇ ବର୍ଷରୁ ଅଧିକ ସମୟ ଧରି ନିର୍ବାସନରେ ଥିବା ବଙ୍ଗଳାଦେଶର ଗାଦିଚ୍ୟୁତ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଆସନ୍ତା ଡିସେମ୍ବର ମାସ ସୁଦ୍ଧା ନିଜ ଦେଶକୁ ପ୍ରତ୍ୟାବର୍ତନ କରିବାକୁ ଯୋଜନା କରୁଥିବା ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କ୍ରମାଗତ ଦୀର୍ଘ ୧୫ବର୍ଷ ଧରି କ୍ଷମତାରେ ଥିବା ହାସିନା ସରକାରଙ୍କ ବିରୁଦ୍ଧରେ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣକୁ ନେଇ ଦେଶବ୍ୟାପୀ ଜେଡଜେନ ଆନ୍ଦୋଳନ ତୀବ୍ରତର ହେବା ପରେ ୨୦୨୪ ଅଗଷ୍ଟ ମାସରେ ସେ ପାଦତ୍ୟାଗ କରିବା ସହ ଦେଶଛାଡ ଚାଲିଯିବାକୁ ବାଧ୍ୟ ହୋଇଥିଲେ। ଭାରତରେ ସେ ରାଜନୈତିକ ଆଶ୍ରୟ ନେଇଥିଲେ। ଭାରତରେ ଶେଖ୍ ହାସିନାଙ୍କ ଆଶ୍ରୟକୁ ନେଇ ଦୁଇ ପଡୋଶୀ ଦେଶ ମଧ୍ୟରେ ସମ୍ପର୍କରେ ଅବନତି ଘଟିଥିଲା। ବଙ୍ଗଳାଦେଶରେ ବିଦ୍ରୋହ ଏବଂ ନୋବେଲ ବିଜେତା ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଗଠିତ କାମଚଳା ସରକାରଙ୍କ ଶାସନ ଅମଳରେ ସେ ଦେଶରେ ସଂଖ୍ୟାଲଘୁ ସମ୍ପ୍ରଦାୟ ଭାବେ ପରିଚିତ ହିନ୍ଦୁଙ୍କ ଉପରେ ଅତ୍ୟାଚାର ବଢିଚାଲିଥିଲା। ଏପରିକି ବହୁ ହିନ୍ଦୁ ଯୁବକ ହତ୍ୟାର ଶିକାର ହୋଇଥିଲେ। ହିନ୍ଦୁଙ୍କ ଉପରେ ଆକ୍ରମଣ ନେଇ ଭାରତରେ ମଧ୍ୟ ତୀବ୍ର ଉତେଜନା ସୃଷ୍ଟି ହୋଇଥିଲା। ହାସିନାଙ୍କ ପ୍ରତ୍ୟାର୍ପଣ ପାଇଁ ବଙ୍ଗଳାଦେଶ ସରକାର ବିଭିନ୍ନ ଫୋରମରେ ଦାବି କରି ଆସୁଥିଲେ। ଢାକା ଛାଡିବା ପରେ ବଙ୍ଗଳା ଦେଶର ଏକ ଟ୍ରିବ୍ୟୁନାଲ ବିଭିନ୍ନ ଅପରାଧିକ ମାମଲାରେ ଏକ ତରଫା ଭାବେ ହାସିନାଙ୍କୁ ଦୋଷୀ ସାବ୍ୟସ୍ତ କରି ମୃତ୍ୟୁ ଦଣ୍ଡାଦେଶ ଦେଇଥିବାବେଳେ ଅନ୍ୟ ଏକ ଅଦାଲତ ୫ବର୍ଷ ଜେଲଦଣ୍ଡ ଦେଇଛନ୍ତି। କେବଳ ଏତିକି ନୁହେଁ ତାଙ୍କ ନେତୃତ୍ୱାଧୀନ ଆୱାମୀ ଲିଗ୍ ଦିନକୁ ବେଆଇନ ଘୋଷଣା କରାଯିବା ସହ ନିର୍ବାଚନରୁ ବଂଚିତ କରାଯାଇଥିଲା। ସେହିପରି ବିଭିନ୍ନ ଗୁରୁତର ଅପରାଧ ଅଭିଯୋଗରେ ବହୁ ନେତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ଜେଲରେ ରଖାଯାଇଥିବା ବେଳେ ଆହୁରି ଅନେକ ନେତା ଭାରତ ଓ ୟୁରୋପରେ ରାଜନୈତିକ ଆଶ୍ରୟ ନେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଯୋଜନା ଅନୁଯାୟୀ ହାସିନା ଯଦି ଡିସେମ୍ବର ମାସରେ ସ୍ୱଦେଶ ପ୍ରତ୍ୟାବର୍ତନ କରନ୍ତି, ତେବେ ତାହା ତାଙ୍କ ଦୀର୍ଘ ଏବଂ ଐତିହାସିକ ଘଟଣାବଳିରେ ସବୁଠାରୁ ବଡ ରାଜନୈତିକ ଦୁଃସାହସିକ ପଦକ୍ଷେପ ହେବ ବୋଲି କୁହାଯାଇପାରିବ। ପ୍ରଥମତଃ ହାସିନାଙ୍କ ବିମାନ ବନ୍ଦରରେ ଅବତରଣ କରିବା ପରେ ତାଙ୍କୁ ଗିରଫ କରି ଜେଲକୁ ପଠାଇ ଦିଆଯିବ, ଯାହା ବାଲାଂର ଇତିହାସ କହେ। କେବଳ ଏତକି ବାଲାଂ ମାଟିରେ ତାଙ୍କର ରହଣୀ ଦଳର ନେତା ଓ କର୍ମୀ, ସମର୍ଥକମାନଙ୍କୁ ଏକତ୍ରିତ ଓ ଉତ୍ସାହିତ କରିବାରେ ସହାୟକ ହେବା ନେଇ ଆଶା କରାଯାଏ। କେବଳ ସେ ଏକା ନୁହଁନ୍ତି, ନିର୍ବାସିତ ଜୀବନ ବିତାଉଥିବା ଦଳର ଅନ୍ୟ ନେତାମାନେ ମଧ୍ୟ ସ୍ୱଦେଶ ପ୍ରତ୍ୟାବର୍ତନ କରିପାରନ୍ତି। ସେ କହିଛନ୍ତି, ତାଙ୍କର ସ୍ୱଦେଶ ପ୍ରତ୍ୟାବର୍ତନର ଉଦ୍ଦେଶ୍ୟ ଦଳ ଉପରେ ଜାରି ନିଷେଧାଦେଶ ହଟାଇବା ସେହିପରି ମୃତ୍ୟୁ ଦଣ୍ଡାଦେଶକୁ ଦଳର ନେତା, କର୍ମୀ ଓ ସମର୍ଥକ ଦେଶବ୍ୟାପୀ ବିରୋଧ କରିବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ଆହୁରି ମଧ୍ୟ ହାସିନାଙ୍କ ପରି ଜଣେ ଅଭିଜ୍ଞ ନେତ୍ରୀଙ୍କୁ ଫାଶୀ ଦଣ୍ଡାଦେଶକୁ ବିଶ୍ୱବ୍ୟାପୀ ଦୃଢ ବିରୋଧର ସମ୍ଭାବନା ରହିଛି। ତାଙ୍କ ପ୍ରତି ଦଳ ଏବଂ ଦେଶବସାଙ୍କର ଏବେ ବି ଅତୁଟ ସମର୍ଥନ ରହିଥିବା ସେ ବିଶ୍ୱାସ କରନ୍ତି। ତେବେ ମିଳିଥିବା ସୂଚନା ଅନୁଯାୟୀ ହାସିନାଙ୍କ ସହ କେତେକ ବୁଝାମଣା (ଡିଲ୍) କରିବା ପାଇଁ ବାଲାଂ ସରକାର ପ୍ରସ୍ତୁତ ଥିବା କୁହାଯାଏ। ସେ ପ୍ରତ୍ୟାବର୍ତନ କଲେ ବାଲାଂରେ ତାଙ୍କର ନିରାପତାକୁ ସୁନିଶ୍ଚିତ କରାଯିବା ସହ ତାଙ୍କ ବିରୁଦ୍ଧରେ ଥିବା ଅଭିଯୋଗର ଆଇନଗତ ବିଚାର ପ୍ରକ୍ରିୟାରେ ପବିତ୍ରତା ରକ୍ଷା ଏବଂ ଟ୍ରିବ୍ୟୁନାଲ ରାୟକୁ ଚ୍ୟାଲେଞ୍ଜ ପାଇଁ ସୁଯୋଗ ଦିଆଯିବ। ଏହା ନିସନ୍ଦେହ ଯେ, ହାସିନାଙ୍କ ପ୍ରତ୍ୟାବର୍ତନ ବଙ୍ଗଳା ଦେଶର ରାଜନୀତିକୁ ପୁଣି ସରଗରମ କରିପାରେ। ଆହୁରି ମଧ୍ୟ ହାସିନାଙ୍କ ପ୍ରତ୍ୟାବର୍ତନ ଭାରତ-ବଙ୍ଗଳାଦେଶ ସମ୍ପର୍କରେ ଉନ୍ନତ ଆଣିବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ତେବେ ସବୁ କିଛି ସମୟ ହିଁ କହିବ। କିନ୍ତୁ ହାସିନାଙ୍କ ପ୍ରତ୍ୟାବର୍ତନ ଭାରତ ପାଇଁ ଶୁଭଙ୍କର ହେବ, ଏଥିରେ ସନ୍ଦେହ ନାହିଁ।

# ଟିକି ବିପ୍ଳବୀ : ନୀଳମଣି

### ଅକ୍ଷୟ କୁମାର ରାଉତ

ପରାଧିନତାର କଳାବାଦଲ ପବିତ୍ର ଭାରତମାତକୁ କରାଏତ କରିଥାଏ । ଉଜ୍ଜ୍ୱଳମାନ ପ୍ରଚଣ୍ଡ ସୂର୍ଯ୍ୟ ରାହୁଗ୍ରସ୍ତ । ପିଡିତ, ଲାଂଛିତ, ନିଷ୍ପେସିତ, ଅବହେଳିତ ଭାରତୀୟମାନଙ୍କର କରୁଣ ଆର୍ତ ଚିତ୍କାର ବିଦେଶୀ ଶାସକଙ୍କ ନିଦକୁ ହଜାଇ ଦେଉଥାଏ । ଲୋକଙ୍କ ମନରେ ସ୍ୱାଧିନତାର ବହ୍ନି ପ୍ରଜ୍ୱୋଳିତ । ଖୋର୍ଦ୍ଧାଗଡ଼ର ପାଇକ ବିଦ୍ରୋହ ସିପାହୀ ବିଦ୍ରୋହ ପରେ ପରେ ଦେଶର ସବୁ ସ୍ଥାନରେ ସ୍ୱାଧୀନତା ସଂଗ୍ରାମ । ଏହିପରି ଏକ ମୂହୁର୍ତରେ ବାଲେଶ୍ୱର (ଭଦ୍ରକ) ଜିଲ୍ଲା ତିହିଡି ଥାନା ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ଚନ୍ଦ୍ରଶେଖର ରାଉତରାୟ ଓ ମା' କୋଇଲି ଦେବୀଙ୍କ ଅଷ୍ଟମ ଗର୍ଭରେ ୧୯୨୦ ମସିହା ମଇ ୨୪ ତାରିଖରେ ଏକ ସ୍ୱଚ୍ଛଳ ପରିବାରରେ ଜନ୍ମ ଗ୍ରହଣ କଲେ ମହାନ୍ ବିପ୍ଳବି ଜନନାୟକ ନୀଳମଣି । ଅକାଳରେ ମା'କୁ ହରାଇ ନୀଳମଣି ସାବତ ମା ଓ ବଡ଼ ଭଉଣୀମାନଙ୍କର ଯତ୍ନରେ ବଡ଼ହେଲେ । ପ୍ରାଥମିକ ଶିକ୍ଷା ପାଖ ଗାଁ ଝିଙ୍କିରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ ହୋଇଥିଲା । ତା'ପରେ ତାଙ୍କ ଭିଣୋଇଙ୍କ ପାଖରେ ରହି ବାଲେଶ୍ୱର ଜୁବୁଲି ମଧ୍ୟ ଇଂରାଜୀ ସ୍କୁଲରେ ପାଠ ପଢ଼ିଲେ । ତାଙ୍କ ବଡ଼ଭାଇ ହରେକୃଷ୍ଣଙ୍କ ବନ୍ଧୁ ପ୍ରଧାନ ଶିକ୍ଷକ ଉଦୟ ନାରାୟଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ନାରାୟଣଚନ୍ଦ୍ର ମଧ୍ୟ ଇଂରାଜୀ ବିଦ୍ୟାଳୟର ଛାତ୍ରାବାସରେ ରହି ସେ ମାଇନର ପାଠ ଓ ଭଦ୍ରକ ହାଇସ୍କୁଲର ପାଠ ଶେଷ କରିଥିଲେ ।

ଜନ୍ମରୁ ନୀଳମଣି ଦରଦୀ, ସ୍ୱାଧୀନଚେତା ଓ ପରୋପକାରୀ ଥିଲେ । ବିଦ୍ୟାଳୟରେ ପଢ଼ିବା ସମୟରେ ବିହାରରେ ହୋଇଥିବା ଭୂମିକମ୍ପର ପିଡିତ ମାନଙ୍କ ସାହାଯ୍ୟ ନିମନ୍ତେ ଅର୍ଥ ସଂଗ୍ରହ କରି ପଠାଇଥିଲେ । ୧୯୩୦ ମସିହାରେ ସ୍ୱାଧିନତା ସଂଗ୍ରାମର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଥିଲା ଲବଣ ଆନ୍ଦୋଳନ ବା ଦରିଆ ଦଖଲ ଆନ୍ଦୋଳନ । ଏହି ଆନ୍ଦୋଳନ ନୀଳମଣିଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା । ଝିଙ୍କିରିଆର ସଂଗ୍ରାମୀ ଭାଗବତ ସାହୁଙ୍କୁ ପୋଲିସ୍ ହାତକଡା ପକାଇ ନେବାର ଦୃଶ୍ୟ ନୀଳମଣିଙ୍କ ମନରେ ଗଭୀର ରେଖାପାତ କଲା । ସେ ବିଦେଶୀ ଶାସନ ବିରୁଦ୍ଧରେ ସ୍ୱର ଉତୋଳନ କଲେ । ସାଙ୍ଗମାନଙ୍କୁ ଧରି ଗାଁ ପଡିଆରେ ଲୁଣମାରି ଲୁଣ ପୁଡିଆଙ୍କୁ ଗାଁ ଗାଁ ବୁଲି ବାଂଟିଲେ । ଗାନ୍ଧିଙ୍କ ଡାକରାରେ କଂଗ୍ରେସର ନିଶାନିବାରଣ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ସମସ୍ତ କଂଗ୍ରେସ କର୍ମୀମାନଙ୍କୁ ପୋଲିସ୍ ଗିରଫ କରି ଭଦ୍ରକ ପର୍ଯ୍ୟନ୍ତ ଚଲାଇ ଚଲାଇ ନେଲେ । ନୀଳମଣି ତାଙ୍କର ସହଯୋଗୀ ବାନରସେନାଙ୍କୁ ଧରି ସତ୍ୟାଗ୍ରହୀ କର୍ମୀମାନଙ୍କ ପଛେ ପଛେ ଧ୍ୱନି ଦେଇ ନଅ ମାଇଲ ବାଟ ଚାଲି ଚାଲି ଯିବାରୁ ପୋଲିସ୍ ନୀଳମଣିଙ୍କୁ ଗିରଫ କରି ନେଇ ଭଦ୍ରକ ଜେଲକୁ ସତ୍ୟାଗ୍ରହୀମାନଙ୍କ ସହିତ ପଠାଇଦେଲା । ଗାଁରୁ ବାପା ଓ କଲିକତାରୁ ଭାଇ ଆସି ଭଦ୍ରକରେ ପହଁଚିଲେ । ୧୦ ଦିନ ଜେଲଦଣ୍ଡ ଭୋଗିବା ପରେ ହାକିମ ନୀଳମଣିଙ୍କୁ ଛୋଟ ପିଲା ହୋଇଥିବାରୁ ଖଲାସ୍ କରିଦେଲେ ।

ଭଦ୍ରକ ସହରର କୁଆଁସ ପଡିଆରେ ଗୋଟିଏ କଂଗ୍ରେସ ସଭାକୁ ମାଜିଷ୍ଟ୍ରେଟ ନିଷିଦ୍ଧ ଘୋଷଣା କରି ସହରରେ ୧୪୪ ଧାରା ଜାରି କଲେ । ନୀଳମଣି ସ୍କୁଲ ପରେ କିଛି ସାଙ୍ଗସାଥୀଙ୍କୁ ଧରି କୁଆଁସ ପଡ଼ିଆକୁ ଚାଲିଲେ । ସେଠାରେ ଦେଖିଲେ ବହୁ ଲୋକ ଅଛନ୍ତି କିନ୍ତୁ କେହି ନେତା ନଥିବାରୁ ସଭାକାର୍ଯ୍ୟ ହୋଇପାରିଲା ନାହିଁ । ଛାତ୍ରମାନେ ନୀଳମଣିଙ୍କୁ ସଭାପତି ପରି ସଭାକାର୍ଯ୍ୟ ଚଳାଇଲେ । ପୋଲିସ୍ ଫଉଜ ଆସି ସବୁ ଛାତ୍ରଙ୍କୁ ଗିରଫ କରିନେଲେ । ଗିରଫ ଛାତ୍ରଙ୍କ ମଧ୍ୟରେ ଥିଲେ ମାଜିଷ୍ଟ୍ରେଟଙ୍କ ପୁଅ । ତେଣୁ ମାଜିଷ୍ଟ୍ରେଟ ନିଜେ ଥାନାକୁ ଆସି ସବୁ ପିଲାଙ୍କୁ ଛାଡି ଦେଇ କେବଳ ନୀଳମଣିଙ୍କୁ ଜେଲ ପଠାଇଦେଲେ । ନୀଳମଣିଙ୍କ ବାପା ଓ ଭାଇ ଆସି ମୁଚାଲିକା ଲେଖି ନୀଳମଣିଙ୍କୁ ଖଲାସ କରାଇଲେ ।

୧୯୩୪ ମସିହାରେ ଗାନ୍ଧିଜୀ ହରିଜନ ପଦଯାତ୍ରା କରି ଭଦ୍ରକର ସାଳନ୍ଦୀ ନଦୀକୂଳରେ ଜୀବରାମଜୀଙ୍କ ଆଶ୍ରମରେ ରହିବା ସମୟରେ ନୀଳମଣିଙ୍କୁ ମିଳିଗଲା ଗାନ୍ଧିଜୀଙ୍କୁ ତାଳପତ୍ର ପଙ୍ଖାରେ ବିଂଚିବାର ସୁଯୋଗ । ପ୍ରଥମ ଥର ଗାନ୍ଧୀଙ୍କ ସଂସ୍ପର୍ଶରେ ଆସିବାରୁ ସେ ନିଜକୁ ଭାଗ୍ୟବାନ୍ ବୋଲି ମନେ କଲେ । ସେହି ଦିନଠାରୁ ସ୍ୱାଧୀନତା ଆନ୍ଦୋଳନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରୁଥିଲେ । ଜାନୁଆରୀ ୨୬ ତାରିଖ ଦିନ ଘରେ ଘରେ ତ୍ରିରଙ୍ଗ ପତାକା ଉଡାଇବାକୁ କଂଗ୍ରେସ ପକ୍ଷରୁ ସ୍ଥିର କରାଗଲା । ଭଦ୍ରକ ହାଇସ୍କୁଲକୁ ଲାଗି ଦେୱାନୀ ଅଦାଲତ କୋଠାରେ ସରକାରୀ ପତାକା ବଦଳରେ କଂଗ୍ରେସର ତ୍ରିରଙ୍ଗା ପତାକା ଉଡୁଥିବା ଦେଖାଗଲା । ଚାରିଆଡେ ଚହଳ ପଡିଗଲା । ଟିକି ବିପ୍ଳବୀ ନୀଳମଣିର ଏ କାମ । ସରକାରୀ ମହଲରେ ନୀଳମଣି ପତାକା ଉଡାଇଥିବା ସନ୍ଦେହ କରାଯାଇ ଛାତ୍ରାବାସରେ ଖାନତଲାସ୍ ହେଲା । ମାତ୍ର ପୋଲିସ୍ କିଛି ଟେର୍ ପାଇନଥିଲା ।

ଟିକି ବିପ୍ଳବୀ ନୀଳମଣି ୧୯୩୬ ମସିହାରେ ଭଦ୍ରକ ହାଇସ୍କୁଲରୁ ମାଟ୍ରିକ ପାସ୍ କରି ରେଭେନ୍ସା କଲେଜରେ ବି.ଏ. ଶ୍ରେଣୀରେ ନାମ ଲେଖାଇ ଇଷ୍ଟ୍ ହଷ୍ଟେଲରେ ରହି ପାଠପଢ଼ିଲେ । ସେ ସମୟରେ ଡଃ ପ୍ରାଣକୃଷ୍ଣ ପରିଜା ଥାଆନ୍ତି ରେଭେନ୍ସା କଲେଜର ଅଧକ୍ଷ । ନୀଳମଣି ଛାତ୍ର ଅବସ୍ଥାରେ ପ୍ରଦେଶ କଂଗ୍ରେସ କର୍ମକର୍ତା ମାନଙ୍କ ସହିତ ଭଲ ସଂପର୍କ ରଖି କଂଗ୍ରେସ ଦଳର ସ୍ୱେଚ୍ଛାସେବକ ଭାବେ ସବୁ ସଭାସମିତିରେ ଯୋଗ ଦେଉଥିଲେ । ନୀଳମଣି ଦାବି କଲେ ଯେ, ଛାତ୍ର ୟୁନିୟନର ସଭାପତି ଅଧକ୍ଷ ନହୋଇ ଛାତ୍ରମାନଙ୍କ ମଧ୍ୟରୁ ନିର୍ବାଚିତ ହେବା ଉଚିତ୍ । ପରିଶେଷରେ ଛାତ୍ରମାନେ ନିର୍ବାଚନ ମାଧ୍ୟମରେ ୟୁନିୟନର ସଭାପତି ଓ କର୍ମକର୍ତା ନିର୍ବାଚନ କଲେ । ମନମୋହନ ମିଶ୍ର ରେଭେନ୍ସା କଲେଜ ଛାତ୍ର ୟୁନିୟନର ପ୍ରଥମ ସଭାପତି ଭାବେ ନିର୍ବାଚିତ ହେଲେ । ୧୯୩୮ ମସିହାରେ ଟିକି ବିପ୍ଳବୀ ଛାତ୍ରସଂଘର ସଂପାଦକ ଭାବେ ଧର୍ମଘଟ, ଧାରଣା, ସଭା ଓ ଶୋଭାଯାତ୍ରା ଆୟୋଜନ କରିଥିଲେ । ଗୋରା ଅଧକ୍ଷକଙ୍କ ଆଦେଶକୁ ଅମାନ୍ୟ କରି ନୀଳମଣି ଛାତ୍ରମାନଙ୍କୁ ଧରି କଟକ ମେଡିକାଲ ସ୍କୁଲ କୋଠା ଉପରେ ଜାତୀୟ ପତାକା ଉତୋଳନ କଲେ ।

ସେ ସମୟରେ ଆଇନ କଲେଜ ରେଭେନ୍ସା କଲେଜରେ ଚାଲୁଥିଲା । ଆଇନ କଲେଜର ଅଧକ୍ଷ ଜେ.ଏନ୍. ବାନାର୍ଜୀ ତାଙ୍କର ସ୍ୱତନ୍ତ୍ର କ୍ଷମତା ଅଧିକାର ପଦ ମର୍ଯ୍ୟାଦା ସଂପର୍କରେ ସରକାରକୁ ଜଣାଇଲେ । ସରକାର ଗ୍ରହଣ ନକରିବାରୁ ବାନାର୍ଜୀ ଅଧକ୍ଷ ପଦରୁ ଇସ୍ତଫା ଦେଇଦେଲେ । ବାନାର୍ଜୀଙ୍କୁ ସମର୍ଥନ କରି ଛାତ୍ରସଂଘ ଧର୍ମଘର ଆରମ୍ଭ କଲେ । ଏହି ଧର୍ମଘଟର ନେତୃତ୍ୱ ନୀଳମଣି ନିଜେ ନେଇ ଆଇନ କଲେଜ ଅଧକ୍ଷଙ୍କୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେବାପାଇଁ ଦାବି କରିଥିଲେ । ହରେକୃଷ୍ଣ ମହତାବଙ୍କ ମଧ୍ୟସ୍ଥତାରେ ଛାତ୍ର ପ୍ରତିନିଧିମାନେ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ସହ ଆଲୋଚନା କରି ବିଫଳ ହେଲେ । ଛାତ୍ର କ୍ରିୟାନୁଷ୍ଠାନ କମିଟି ଓ ଛାତ୍ରସଂଘର ମିଳିତ ଧର୍ମଘଟ ଅନ୍ୟ କଲେଜକୁ ବ୍ୟାପିଲା । ଛାତ୍ରମାନଙ୍କ ଉପରେ ଦଣ୍ଡମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା । ଛାତ୍ରମାନଙ୍କୁ ଜେଲରୁ ଖଲାସ ଓ ସେମାନଙ୍କ ବିରୁଦ୍ଧରେ ଥିବା ମୋକଦ୍ଦମା ନ ଉଠାଇବା ପର୍ଯ୍ୟନ୍ତ ଧର୍ମଘଟ ଓ ଆନ୍ଦୋଳନ ଚାଲୁ ରହିଲା । ଶେଷରେ ସରକାର ଛାତ୍ରମାନଙ୍କ ଦାବିଗୁଡିକୁ ଗ୍ରହଣ କଲାପରେ ଆନ୍ଦୋଳନ ବନ୍ଦ ହୋଇଥିଲା । ନୀଳମଣି ଛାତ୍ର ଆନ୍ଦୋଳନରେ ବହୁବାର ଜେଲ ଯାଇଥିଲେ ।

୧୯୪୦ ମସିହା ଜାନୁଆରୀ ୨୬ ତାରିଖକୁ ସ୍ୱାଧୀନତା ଦିବସ ରୂପେ ପାଳନ କରିବା ପାଇଁ ଜାତୀୟ କଂଗ୍ରେସ ପକ୍ଷରୁ ସ୍ଥିର ହୋଇଥିଲା । ଏହି ସ୍ୱାଧୀନତା ଦିବସ ପାଳନ ପାଇଁ ଅଧକ୍ଷ ଡଃ. ପ୍ରାଣକୃଷ୍ଣ ପରିଜା ଅନୁମତି ଦେଇନଥିଲେ । ଛାତ୍ରନେତା ନୀଳମଣି ଓ ବିବୁଧେନ୍ଦ୍ର ମିଶ୍ରଙ୍କ ସହିତ ଅନ୍ୟ ଛାତ୍ରମାନେ ମହାସମାରୋହରେ ସ୍ୱାଧୀନତା ଦିବସ ପାଳନ କଲେ । ସଭାପତି ଭାବେ ନୀଳମଣି ଜାତୀୟ ପତାକା ଉତୋଳନ କଲେ । ନୀଳମଣି ଭାରତମାତାଙ୍କୁ ବିଦେଶୀ ଶାସନ କବଳରୁ ମୁକ୍ତ କରିବା ପାଇଁ ଆହ୍ୱାନ କରିଥିଲେ । ଏହାପରେ ଛାତ୍ରମାନଙ୍କ ଉପରେ ପୋଲିସ୍‌ର ଦମନ ଲୀଳା ଆରମ୍ଭ ହୋଇଗଲା । ବହୁ ଛାତ୍ର ଗିରଫ ହେଲେ । ନୀଳମଣି ଓ ବିବୁଧେନ୍ଦ୍ର ଉପରେ ୨୫ ଟଙ୍କା ଲେଖାଁଏ ଜୋରିମାନା ଓ କ୍ଷମା ପ୍ରାର୍ଥନା କରିବାକୁ ଅଧକ୍ଷ ପରୱାନ ଜାରି କଲେ । ଛାତ୍ରସଂଘ ଅନ୍ୟାୟ ଆଦେଶର ପ୍ରତିବାଦ କରି ଆନ୍ଦୋଳନ କରିବା ଓ ପରୀକ୍ଷା ବର୍ଜନ କରିବା ପାଇଁ ନିଷ୍ପତି ନେଲା । ରେଭେନ୍ସା କଲେଜ ପୋଲିସ୍ ଛାଉଣୀରେ ପରିଣତ ହେଲା । ବହୁ ଛାତ୍ର ଗିରଫ ହେଲେ । ଛାତ୍ରମାନେ ରାତିରେ ନିଜ ଜିନିଷପତ୍ର ମୁଣ୍ଡରେ ଧରି ଶୋଭାଯାତ୍ରା କରି ବାହାରି ଯିବା ସମୟରେ ପୋଲିସ୍ କଟକ ଜେଲଖାନା ନିକଟରେ ଛାତ୍ରମାନଙ୍କୁ ଗିରଫ କରିନେଲା । ନୀଳମଣି ଏକ ନାରୀ ବେଶରେ ପୋଲିସ୍‌କୁ ଚକ୍‌ମା ଦେଖାଇ ଖସିଗଲେ । ପରେ ନୀଳମଣି ଓ ବିଜୟ ଚନ୍ଦ୍ର ଦାସ ଗିରଫ ହୋଇ ଦଶ ଦିନ ଜେଲ୍‌ରେ ରହିଲେ । କେତେକ ବିଶିଷ୍ଟ ବ୍ୟକ୍ତି ସେମାନଙ୍କୁ ଜାମିନ୍‌ରେ ଆଣିଥିଲେ ।

ନୀଳମଣି ରେଭେନ୍ସା କଲେଜ ଓ ପାଟଣା ବିଶ୍ୱବିଦ୍ୟାଳୟରୁ ବହିଷ୍କାର ହେବାପରେ ଶେଷର ଡଃ. ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ଉଦ୍ୟମରେ ବିଦ୍ୟାସାଗର କଲେଜର ଚତୁର୍ଥ ବର୍ଷରେ ନାମ ଲେଖାଇଲେ । ବିଦ୍ୟାସାଗର କଲେଜରେ ଏକ ଛାତ୍ର ଧର୍ମଘଟ ହୋଇଥିଲା ସେଥିରେ ନୀଳମଣି ନେତୃତ୍ୱ ନେଇଥିଲେ । ଏହି ସମୟରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ନୀଳମଣିଙ୍କୁ ଡକାଇ ଓଡିଶାରେ କିପରି ଫରୱାର୍ଡ ବ୍ଲକ୍ ସଂଗଠିତ ହେବ ସେ ବିଷୟରେ ଆଲୋଚନା କରିଥିଲେ । ନୀଳମଣି ବିଦ୍ୟାସାଗର କଲେଜରୁ କୃତିତ୍ୱର ସହ ବି.ଏ. ପାଶ୍‌କରି ବନାରସ୍ ବିଶ୍ୱବିଦ୍ୟାଳୟରେ ଏମ୍.ଏ. ଓ ଆଇନ ଶ୍ରେଣୀରେ ନାମ ଲେଖାଇଲେ । ସେ ସମୟରେ ଡଃ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ବନାରସ୍ ବିଶ୍ୱବିଦ୍ୟାଳୟର ପ୍ରୋ-ଚାନ୍‌ସେଲର ଥିଲେ । ନୀଳମଣି ବିରଳା ଛାତ୍ରାବାସରେ ରହି ଆଇନ କଲେଜର ଅଧକ୍ଷ ଶ୍ରୀ ସୁବ୍ରମଣ୍ୟମ୍ ଓ ରାଜନୀତି ବିଜ୍ଞାନର ମୁଖ୍ୟ ଶ୍ରୀମୁକୁଟ ବିହାରି ଲାଲ୍‌ଙ୍କ ତତ୍ତ୍ୱାବଧାନରେ ପଢ଼ାପଢ଼ି କରୁଥିଲେ । ସେ ସମୟରେ ଭାରତୀୟ ଛାତ୍ରସଂଘର କର୍ମକର୍ତାମାନଙ୍କ ସହ ଭଲ ସଂପର୍କ ରଖିଥିଲେ । ରାଜ ନାରାୟଣ ଓ କେଦାର ପାଣ୍ଡଙ୍କ ସହ ମଧ୍ୟ ତାଙ୍କର ସୁସମ୍ପର୍କ ଥିଲା ।

୧୯୪୧ ଜୁନ୍ ୨୨ ତାରିଖରେ ଜର୍ମାନୀ ଋଷ ଉପରେ ଆକ୍ରମଣ କରିବାରୁ ଏହାକୁ ଜନଯୁଦ୍ଧର ଆଖ୍ୟାଦେଲେ । ୧୯୪୨ ମସିହା ପାଟଣାଠାରେ ନିଖିଳ ଭାରତ ଛାତ୍ରସଂଘର ଏକ ଅଧିବେଶନ ବସିଲା । ଏଥିରେ ଓଡିଶାରୁ ସାମ୍ୟବାଦୀ ଛାତ୍ରନେତା ବିଜୟଚନ୍ଦ୍ର ଦାସ, ଗଙ୍ଗାଧର ରଥ, ଦୁର୍ଗାଚରଣ ମହାନ୍ତି ଓ ନୀଳମଣି ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରତିନିଧି ଭାବରେ ଯୋଗଦେଇଥିଲେ । ଛାତ୍ର ସଂଘ ସମ୍ମିଳନୀରେ ଜନଯୁଦ୍ଧ ପ୍ରସ୍ତାବକୁ ନୀଳମଣି ଘୋର ବିରୋଧ କରିଥିଲେ । ୧୯୪୨ ଅଗଷ୍ଟ ଆଠ ତାରିଖରେ ବମ୍ବେଠାରେ ଜାତୀୟ କଂଗ୍ରେସ 'ଭାରତଛାଡ଼' ପ୍ରସ୍ତାବ ଗ୍ରହଣ କରିଥିଲା । ବନାରସ୍‌ରେ ଛାତ୍ରମାନଙ୍କର ଏକ ଜରୁରୀ ବୈଠକ ବସି 'ଭାରତ ଛାଡ' ଆନ୍ଦୋଳନ କରାଯିବ ସ୍ଥିର ହେଲା । ନୀଳମଣିଙ୍କ ସହିତ ସମାଜବାଦୀ ଛାତ୍ରନେତା ରାଜନାରାୟଣ ଓ କେଦାର ପାଣ୍ଡେ ଛାତ୍ରମାନଙ୍କର ନେତୃତ୍ୱ ନେଇଥିଲେ । ନୀଳମଣି ଗିରଫ ହେବା ପୂର୍ବରୁ ଛାତ୍ରାବାସରୁ ଖସି ପଳାଇଲେ । ବନାରସରୁ ନୀଳମଣିଙ୍କୁ ବହିଷ୍କାର କରିବା ପାଇଁ ଡିଭିଜନାଲ କମିଶିନର ଆଦେଶ ଜାରି କରିଥିଲେ । ନୀଳମଣି ଲୁଚି ଛପି ଛାତ୍ରନେତାମାନଙ୍କ ସହ ବନାରସରେ 'ଭାରତ ଛାଡ' ଆନ୍ଦୋଳନକୁ ଆଗେଇନେବାର ପ୍ରଚେଷ୍ଟା ଜାରିରଖିଲେ । ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ସଭାପତି ମହମ୍ମଦ ହନିଫଙ୍କ ଠାରୁ ଭଦ୍ରକ ଆସି ଆନ୍ଦୋଳନରେ ସାହାର୍ଯ୍ୟ କରିବା ପାଇଁ ଖଣ୍ଡେ ଚିଠି ପାଇଲେ । ତେଣୁ ଲୁଚି ଛପି ଆସି ନିଜ ଗାଁରେ ପହଁଚିଲେ । କଂଗ୍ରେସ କର୍ମୀ ଓ ସମର୍ଥକମାନଙ୍କ ସଙ୍ଗେ ନୀଳମଣି ସଂପର୍କ ରଖି ଭାରତଛାଡ ଆନ୍ଦୋଳନକୁ ସକ୍ରିୟ କରିବାରେ ଲାଗିପଡିଲେ । ପୀରହାଟ, ତିହିଡି ପ୍ରଭୃତି ସ୍ଥାନରେ ଗୁପ୍ତ ବୈଠକ କରି ଭଦ୍ରକ - ବାନ୍ଦବାଲି ଟେଲିଫୋନ ଯୋଗାଯୋଗ ଓ ଡାକ ଚଳାଚଳ ବ୍ୟବସ୍ଥା ସଂପୂର୍ଣ୍ଣ ଅଚଳ କରିଦିଆଗଲା । ନୀଳମଣି ଉହଁରା ଗାଁରେ ଲୁଚିକରି ଆଶ୍ରୟ ନେଲେ । ପାଣି କାଦୁଅରେ ବୁଲିବୁଲି ଭିନ୍ନ ଭିନ୍ନ ଗାଁକୁ ଗଲେ । କର, ଟିକସ, ଖଜଣା, ସରକାରଙ୍କୁ ନ ଦେବାପାଇଁ ମତାଇଲେ । ନୀଳମଣି ଲୁଚିକରି ବିଲ ରାସ୍ତାରେ ଗାଁ କୁ ଗାଁ ବୁଲିବା ସମୟରେ ତାଙ୍କ ଗୋଡ କଟିଗଲା । ସେ ଅସୁସ୍ଥ ହୋଇପଡିଲେ । ତାଙ୍କ ଭାଇ ଖବର ପାଇ ଗାଁକୁ ନେଇଗଲେ । ପୋଲିସ୍ ଖବର ପାଇ ଅତର୍କିତ ଭାବେ ଘର ଉପରେ ଚଢ଼ାଉ କଲେ ଓ ନୀଳମଣିଙ୍କୁ ଗିରଫ କରିନେଲେ । ବିଚାରରେ ତାଙ୍କୁ ୧ ବର୍ଷ ଅଶ୍ରମ କାରାଦଣ୍ଡ ଦିଆଗଲା । ଅନ୍ୟ ବନ୍ଦୀମାନଙ୍କ ସହିତ ନୀଳମଣିଙ୍କୁ ହାତକଡି ଓ ଅଂଟାରେ ଦଉଡି ବାନ୍ଧି ଭଦ୍ରକ ଜେଲ୍‌ରୁ ରେଲଷ୍ଟେସନ୍ ପର୍ଯ୍ୟନ୍ତ ଚଲାଇ ଚଲାଇ ନିଆଗଲା ।

ବାଲେଶ୍ୱର ଜେଲରେ ନୀଳମଣି ଉଚ୍ଚ ଶ୍ରେଣିର ବନ୍ଦୀ ରୂପେ ରାଜନେତା ମାନଙ୍କ ସହିତ ରହିଲେ । ୧୯୪୩ ମସିହା ଅଗଷ୍ଟ ୧୭ ତାରିଖରେ ନୀଳମଣି ଖଲାସ୍ ହେଲେ ପୋଲିସ୍ ଆସିଲା ବେଳକୁ ନୀଳମଣି ଚମ୍ପଟ୍ । ରାତିରେ ଚାଲି ଚାଲି ଆଠ ମାଇଲ ଦୂର ହଳଦୀପଦା ଷ୍ଟେସନରୁ ରେଳଯୋଗେ କଲିକତା ଚାଲିଗଲେ । ଭାଇଙ୍କ ପାଖରେ ରହି ଆଇନ୍ ଶ୍ରେଣୀରେ ନାମ ଲେଖାଇ ପଢ଼ିଲେ ଓ ପାସ୍ କଲେ । ୧୯୪୭ରେ ଡିଗ୍ରୀ ହାସଲ କରି ନୀଳମଣି କଟକରେ ରାଜକିଶୋର ଦାସଙ୍କର ଜୁନିୟର ଓକିଲ ଭାବେ କାମ ଆରମ୍ଭକଲେ । ପ୍ରଜାତନ୍ତ୍ରର ମୁଖ୍ୟ ପରିଚାଳକ ଭାବେ ଦାୟିତ୍ୱ ଗ୍ରହଣ କଲେ । ତାଙ୍କ ଚେଷ୍ଟାରେ ପ୍ରଜାତନ୍ତ୍ର ଏକ ଟ୍ରଷ୍ଟରେ ପରିଣତ ହେଲା । ସେ ଜଣେ ଟ୍ରଷ୍ଟି ରହିଲେ । ନୀଳମଣି ସୋରୋ ବିଧାନସଭା ଆସନରୁ ନିର୍ବାଚିତ ହୋଇ ୧୯୪୮ ମସିହା ଜୁଲାଇ ୧୨ ତାରିଖ ଦିନ ଏଗାରଟା ବେଳେ ଓଡିଶା ବିଧାନସଭାରେ ସଦସ୍ୟଭାବେ ଶପଥ ନେଇଥିଲେ । ବାଚସ୍ପତି ଲାଲ୍ ମୋହନ ପଟ୍ଟନାୟକ ନୀଳମଣିଙ୍କୁ ଶପଥ ପାଠ କରାଇଥିଲେ ।

୧୯୪୯ ମସିହାରେ ନୀଳମଣି ନଳିନୀ ଦେବୀଙ୍କୁ ଭଲ ପାଇ ବୈଦିକ ରୀତିରେ ନିରାଡମ୍ବର ଭାବେ ବିବାହ କରିଥିଲେ । ନଳୀନୀ ଦେବୀଙ୍କର ଓଡିଆ, ବଙ୍ଗଳା, ଓ ହିନ୍ଦି ସାହିତ୍ୟରେ ବିଶେଷ ଦଖଲ ଥିଲା । ତାଙ୍କ ସଂପାଦନାରେ 'ମରୁତୀର୍ଥ' ନାମକ ମାସିକ ପତ୍ରିକା ପ୍ରକାଶିତ ହେଉଥିଲା । ୧୯୫୦ ଜୁଲାଇ ୨୮ରେ ତାଙ୍କର ଏକମାତ୍ର ପୁତ୍ର ବିଜୟଶ୍ରୀ ରାଉତରାୟ ଜନ୍ମ ହୋଇଥିଲା । ୧୯୫୨ରେ ନୀଳମଣି ଧାମନଗର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀଭାବେ ବିଜୟ ଲାଭ କରି, ନବକୃଷ୍ଣ ଚୌଧୁରୀଙ୍କ ମନ୍ତ୍ରୀମଣ୍ଡଳରେ ଉପମନ୍ତ୍ରୀ ଭାବେ ଫେବୃୟାରୀ ୨୦ ତାରିଖରେ ଶପଥ ଗ୍ରହଣ କରିଥିଲେ । ୧୯୫୨ରୁ ୧୯୫୬ ପର୍ଯ୍ୟନ୍ତ ଘରୋଇ ବିଭାଗର ଉପମନ୍ତ୍ରୀ ରହି ଦକ୍ଷତାର ପରିଚୟ ଦେଇଥିଲେ । ୧୯୫୭ରେ ନୀଳମଣି ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରୁ ବିଜୟ ଲାଭକରି ହରେକୃଷ୍ଣ ମହତାବଙ୍କ ମିଳିତ ମନ୍ତ୍ରୀମଣ୍ଡଳରେ ଯୋଗାଣ, ପରିବହନ ଓ ଶ୍ରମ ବିଭାଗର କ୍ୟାବିନେଟ୍ ମନ୍ତ୍ରୀଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ୧୯୫୯ରେ ମନ୍ତ୍ରୀମଣ୍ଡଳ ସଂପ୍ରସାରିତ ହେଲା । ନୀଳମଣି ସେଥିରେ ଯୋଗାଣ ଓ ବାଣିଜ୍ୟ ବିଭାଗର କ୍ୟାବିନେଟ ମନ୍ତ୍ରୀ ହେଲେ । ୧୯୬୧ରେ ବିଜୁ ପଟ୍ଟନାୟକଙ୍କ ମନ୍ତ୍ରୀମଣ୍ଡଳରେ ନୀଳମଣି ଘରୋଇ, ବାଣିଜ୍ୟ, ଶ୍ରମ ଓ ଯୋଗାଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ହେଲେ । କାମରାଜ ଯୋଜନାରେ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ପଦରୁ ଗଲେ । ୧୯୬୩ ଅକ୍ଟୋବର ଦୁଇ ତାରିଖରେ ବୀରେନ୍ ମିତ୍ର ମୁଖ୍ୟମନ୍ତ୍ରୀ ହେଲେ । ଏହି ମନ୍ତ୍ରୀମଣ୍ଡଳରେ ନୀଳମଣି ରାଜନୈତିକ ଓ ପ୍ରଶାସନ, ଘରୋଇ, ଶ୍ରମ ଓ ଯୋଗାଣ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ହେଲେ । ୧୯୬୭ରେ ନୀଳମଣି ପ୍ରଦେଶ କଂଗ୍ରେସର ସଭାପତି ଭାବେ ଚାରିବର୍ଷ ରହିଲେ । ୧୯୭୧ ମସିହାରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ଘରୋଇ, ଖଣି ଓ ଭୂତତ୍ୱ, ଯୋଗାଣ ବିଭାଗର ମନ୍ତ୍ରୀ ରହିଲେ । ନନ୍ଦିନୀ ଶତପଥୀଙ୍କ ମନ୍ତ୍ରୀମଣ୍ଡଳରେ ସେ ଉପମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ୧୯୭୬ରେ ସେ ରାଜ୍ୟସଭା ସଦସ୍ୟ ଭାବେ ରହିଥିଲେ । କେନ୍ଦ୍ରରେ ଜନତା ସରକାର ଗଠିତ ହେବାପରେ ଓଡିଶା ସମେତ ୯ ଟି ରାଜ୍ୟର କଂଗ୍ରେସ ସରକାରଙ୍କୁ ଭାଙ୍ଗି ଦିଆଗଲା । ମଧ୍ୟବର୍ତୀକାଳୀନ ନିର୍ବାଚନ କରାଗଲା । ବାସୁଦେବପୁର ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇ ନୀଳମଣି ବିଜୟ ଲାଭ କଲେ । ୧୯୭୭ ଜୁନ୍ ୨୬ ତାରିଖରେ ନୀଳମଣି ରାଉତରାୟ ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲେ । ୧୯୮୯ ନିର୍ବାଚନରେ ପୁରୀ ଲୋକସଭା ଆସନରୁ ନିର୍ବାଚିତ ହୋଇ ଭି.ପି. ସିଂହଙ୍କ ମନ୍ତ୍ରୀମଣ୍ଡଳରେ ପ୍ରଥମେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଓ ପରେ ଜଙ୍ଗଲ ଓ ପରିବେଶ ବିଭାଗର କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ ।

ନୀଳମଣି ରାଉତରାୟ ପିଲାବେଳରୁ ଛୋଟ ବିପ୍ଳବୀ ଭାବେ ସ୍ୱାଧିନତା ଆନ୍ଦୋଳନରେ ଯୋଗଦେଇ ଓଡିଶାର ରାଜନୀତିରେ ଷାଠିଏ ବର୍ଷରୁ ଅଧିକ କାଳ ଜଡିତ ଥିଲେ । ସେ ବିଧାୟକରୁ ସାଂସଦ, ଉପମନ୍ତ୍ରୀରୁ ମନ୍ତ୍ରୀ, ଉପମୁଖ୍ୟ ମନ୍ତ୍ରୀରୁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଭାବେ ଆସନ ଅଳଙ୍କୃତ କରି ସେ ଜଣେ ଖ୍ୟାତନାମା ସମାଜସେବୀ, ସାମ୍ବାଦିକ, ରାଜନିତିଜ୍ଞ ଓ ପ୍ରଶାସକ ଭାବେ ଉଭା ହୋଇଥିଲେ । ତାଙ୍କର ସରଳ ଓ ନମ୍ର ବ୍ୟବହାର ପାଇଁ ସେ ଜନସାଧାରଣଙ୍କର ସ୍ନେହ ଓ ଶ୍ରଦ୍ଧା ଲାଭ କରିଥିଲେ । ଶେଷ ସମୟରେ ଲେଖା ପଢ଼ାରେ ସମୟ ଅତିବାହିତ କରିଥିଲେ । ଏହି ମହାନ୍ ଜନନାୟକ ୨୦୦୪ ମସିହା ଅକ୍ଟୋବର ମାସ ୪ ତାରିଖ ଦିନ ଇହଲିଳା ସମ୍ବରଣ କରିଥିଲେ।

ପାରାଦ୍ୱୀପଗଡ଼, କୁଜଙ୍ଗ,
ଜଗତ୍‌ସିଂହପୁର

# ପୂର୍ବତଟ ରେଳପଥ ପକ୍ଷରୁ ଅନେକ ଟ୍ରେନର ସମୟସୂଚୀରେ ପରିବର୍ତ୍ତନ

ଭୁବନେଶ୍ୱରଓ/ ୯ ::ଯାତ୍ରୀମାନଙ୍କ ସୁବିଧା ଏବଂ ଟ୍ରେନ ଚଳାଚଳକୁ ସୁଗମ କରିବା ଉଦ୍ଦେଶ୍ୟରେ ପୂର୍ବତଟ ରେଳପଥ ପକ୍ଷରୁ ଅନେକ ଟ୍ରେନର ସମୟସୂଚୀରେ ପରିବର୍ତ୍ତନ କରାଯାଇଛି। ସମ୍ପୃକ୍ତ ଟ୍ରେନଗୁଡ଼ିକର ଯାତ୍ରା ଆରମ୍ଭର ନିର୍ଦ୍ଧାରିତ ତାରିଖଠାରୁ ସଂଶୋଧିତ ସମୟସୂଚୀ କାର୍ଯ୍ୟକାରୀ ହେବ।

ଟ୍ରେନ ନଂ. ୧୫୦୨୭ ସମ୍ବଲପୁର–ଗୋରଖପୁର ମୌର୍ଯ୍ୟ ଏକ୍ସପ୍ରେସ ସମ୍ବଲପୁରରୁ ପୂର୍ବ ନିର୍ଦ୍ଧାରିତ ସମୟ ସକାଳ ୦୯:୨୦ ଘଟିକା ପରିବର୍ତ୍ତ? ୦୯:୦୫ ଘଟିକାରେ ଛାଡ଼ିବ। ଏହି ଟ୍ରେନ ରେଙ୍ଗାଲିରେ ୦୯:୩୯ ଘଟିକା ପରିବର୍ତ୍ତ? ୦୯:୨୮ ଘଟିକାରେ ପହଞ୍ଚିବ ଏବଂ ୦୯:୪୧ ଘଟିକା ପରିବର୍ତ୍ତେ ୦୯:୩୦ ଘଟିକାରେ ଛାଡ଼ିବ। ଏହି ସଂଶୋଧିତ ସମୟସୂଚୀ ୨୮ ଅକ୍ଟୋବର ୨୦୨୬ ଠାରୁ କାର୍ଯ୍ୟକାରୀ ହେବ।

୧୫୦୨୮ ଗୋରଖପୁର–ସମ୍ବଲପୁର ମୌର୍ଯ୍ୟ ଏକ୍ସପ୍ରେସ ସମ୍ବଲପୁରରେ ପୂର୍ବ ନିର୍ଦ୍ଧାରିତ ସମୟ ଅପରାହ୍ନ ୧୪:୪୦ ଘଟିକା ପରିବର୍ତ୍ତ? ୧୪:୫୦ ଘଟିକାରେ ପହଞ୍ଚିବ। ଏହି ପରିବର୍ତ୍ତିତ ସମୟ ୦୪ ସେପ୍ଟେମ୍ବର ୨୦୨୬ ଠାରୁ ଲାଗୁ ହେବ।

ସେହିପରି, ୧୨୮୯୩ ଭୁବନେଶ୍ୱର–ପୁରୁଣାକଟକ ଇଣ୍ଟରସିଟି ଏକ୍ସପ୍ରେସ ପୁରୁଣାକଟକରେ ପୂର୍ବ ନିର୍ଦ୍ଧାରିତ ସମୟ ସନ୍ଧ୍ୟା ୧୭:୦୦ ଘଟିକା ପରିବର୍ତ୍ତ? ୧୭:୧୦ ଘଟିକାରେ ପହଞ୍ଚିବ। ଏହି ପରିବର୍ତ୍ତନ ୦୪ ସେପ୍ଟେମ୍ବର ୨୦୨୬ ଠାରୁ କାର୍ଯ୍ୟକାରୀ ହେବ।

୧୨୮୯୪ ପୁରୁଣାକଟକ–ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ ପୁରୁଣାକଟକରୁ ପୂର୍ବ ନିର୍ଦ୍ଧାରିତ ସମୟ ୧୧:୨୫ ଘଟିକା ପରିବର୍ତ୍ତ? ୧୧:୧୫ ଘଟିକାରେ ଛାଡ଼ିବ। ଏହି ଟ୍ରେନ ବିରନରସିଂହପୁରରେ ୧୧:୩୦/



୧୧:୩୨ ଘଟିକା, ବୌଦ୍ଧରେ ୧୧:୪୫/୧୧:୫୦ ଘଟିକା, ଝାରମୁଣ୍ଡାରେ ୧୨:୦୨/୧୨:୦୪ ଘଟିକା, ପୁରୁଣାପାଣିରେ ୧୨:୨୦/୧୨:୨୨ ଘଟିକା, ସୋନପୁରରେ ୧୨:୩୫/୧୨:୪୦ ଘଟିକା, ନରସିଂହଗଡ଼ରେ ୧୨:୫୫/୧୨:୫୭ ଘଟିକା, ଝାରତରଭାରେ ୧୩:୧୦/୧୩:୧୨ ଘଟିକା ଏବଂ ବିଛୁପାଲିରେ ୧୩:୨୫/୧୩:୨୭ ଘଟିକାରେ ପହଞ୍ଚିବ/ଛାଡ଼ିବ। ଏହି ପରିବର୍ତ୍ତନଗୁଡ଼ିକ ୨୮ ଅକ୍ଟୋବର ୨୦୨୬ ଠାରୁ କାର୍ଯ୍ୟକାରୀ ହେବ।

୧୮୩୧୪ ଭୁବନେଶ୍ୱର ନୂଆ–ବୌଦ୍ଧ ସାପ୍ତାହିକ ଏକ୍ସପ୍ରେସ ବୌଦ୍ଧରେ ପୂର୍ବ ନିର୍ଦ୍ଧାରିତ ସମୟ ୧୦:୩୦ ଘଟିକା ପରିବର୍ତ୍ତେ ୧୦:୪୫ ଘଟିକାରେ ପହଞ୍ଚିବ। ଏହି ପରିବର୍ତ୍ତନ ୦୭ ସେପ୍ଟେମ୍ବର ୨୦୨୬ ଠାରୁ କାର୍ଯ୍ୟକାରୀ ହେବ।

ସେହିପରି, ୧୮୪୨୧ ପୁରୀ–ସୋନପୁର ସାପ୍ତାହିକ ଏକ୍ସପ୍ରେସ ସୋନପୁରରେ ପୂର୍ବ ନିର୍ଦ୍ଧାରିତ ସମୟ ସକାଳ ୦୫:୫୦ ଘଟିକା ପରିବର୍ତ୍ତ? ୦୬:୦୦ ଘଟିକାରେ ପହଞ୍ଚିବ। ଏହି ପରିବର୍ତ୍ତନ ୦୩ ସେପ୍ଟେମ୍ବର ୨୦୨୬ ଠାରୁ କାର୍ଯ୍ୟକାରୀ ହେବ।

ଅନ୍ୟପକ୍ଷରେ, ୧୮୪୨୨ ସୋନପୁର–ପୁରୀ ସାପ୍ତାହିକ ଏକ୍ସପ୍ରେସ ସୋନପୁରରୁ ପୂର୍ବ ନିର୍ଦ୍ଧାରିତ ସମୟ ସନ୍ଧ୍ୟା ୧୯:୦୦ ଘଟିକା ପରିବର୍ତ୍ତେ ୧୮:୪୫ ଘଟିକାରେ ଛାଡ଼ିବ। ଏହି ଟ୍ରେନର ନରସିଂହଗଡ଼, ଝାରତରଭା ଏବଂ ବିଛୁପାଲିରେ ସଂଶୋଧିତ ପହଞ୍ଚିବା/ଛାଡ଼ିବା ସମୟ ଯଥାକ୍ରମେ ୧୮:୫୫/୧୮:୫୭ ଘଟିକା, ୧୯:୦୬/୧୯:୦୮ ଘଟିକା ଏବଂ ୧୯:୨୦/୧୯:୨୨ ଘଟିକା ରହିବ। ଏହି ସଂଶୋଧିତ ସମୟସୂଚୀ ୩୦ ଅକ୍ଟୋବର ୨୦୨୬ ଠାରୁ କାର୍ଯ୍ୟକାରୀ ହେବ।

# ଦୁର୍ଘଟଣା ରୋକିବାକୁ ରାଜ୍ୟରେ 'ଆଦର୍ଶ ସଡ଼କ ସୁରକ୍ଷା ସହର' ଯୋଜନା




କଟକ, ୩/ ୯ : ରାଜ୍ୟରେ ଦିନକୁ ଦିନ ବଢୁଥିବା ସଡ଼କ ଦୁର୍ଘଟଣା ଏବଂ ଏହା ଯୋଗୁଁ ଘଟୁଥିବା ଧନଜୀବନ ହାନି ରୋକିବା ପାଇଁ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ଏକ ବ୍ୟାପକ ସଡ଼କ ସୁରକ୍ଷା ପଦକ୍ଷେପ ଆରମ୍ଭ କରାଯାଇଛି। କଟକସ୍ଥିତ କ୍ରାଇମବ୍ରାଞ୍ଚ ସମ୍ମିଳନୀ କକ୍ଷରେ ଆଜି କ୍ରାଇମବ୍ରାଞ୍ଚ, ରାଜ୍ୟ ପରିବହନ ପ୍ରାଧିକରଣ, ସଡ଼କ ସୁରକ୍ଷା ପାଇଁ ସାମୂହିକ ପଦକ୍ଷେପ, ଟ୍ରାକ୍ସ ଏବଂ ହୋଣ୍ଡା ମୋଟରସାଇକେଲ ଓ ସ୍କୁଟର ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଏକ ସଡ଼କ ସୁରକ୍ଷା ସଚେତନତା ବୈଠକ ଅନୁଷ୍ଠିତ ହୋଇ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସହରକୁ 'ଆଦର୍ଶ ସଡ଼କ ସୁରକ୍ଷା ସହର' ଭାବେ ଗଢ଼ି ତୋଳିବା ପାଇଁ କାର୍ଯ୍ୟଯୋଜନା ଉପସ୍ଥାପିତ ହୋଇଛି। ରାଜ୍ୟରେ ସଡ଼କ ଦୁର୍ଘଟଣାରେ ୧୮ରୁ ୪୫ ବର୍ଷ ବୟସର ବ୍ୟକ୍ତିଙ୍କ ମୃତ୍ୟୁହାର ୬୬ ପ୍ରତିଶତରୁ ଅଧିକ ଥିବାରୁ ଯୁବ ଓ କର୍ମକ୍ଷମ ବର୍ଗର ଜୀବନ ସୁରକ୍ଷା ଏବେ ଏକ ବଡ଼ ଆହ୍ୱାନ ହୋଇଛି। ହେଲମେଟ୍ ? ଓ ସିଟ୍ ?ବେଲ୍ଟ ବ୍ୟବହାର ନକରିବା, ଅତ୍ୟଧିକ ବେଗରେ ଗାଡ଼ି ଚଳାଇବା ଭଳି ଅବହେଳା ଦୁର୍ଘଟଣାରେ ମୃତ୍ୟୁର ପ୍ରମୁଖ କାରଣ ହେଉଥିବାରୁ ଏହାକୁ ରୋକିବା ପାଇଁ ଶିକ୍ଷା, ସୁରକ୍ଷିତ ସଡ଼କ ନିର୍ମାଣ, ନିୟମର କଡ଼ାକଡ଼ି ପାଳନ ଏବଂ ଜରୁରୀକାଳୀନ ଚିକିତ୍ସାସେବା— ଏହି ଚାରିଟି ପ୍ରମୁଖ ଦିଗ ଉପରେ ଯୋଜନାରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ସଡ଼କ ସୁରକ୍ଷା ସଚେତନତା ପାଇଁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ନିୟମିତ ଶିକ୍ଷାଦାନ, ଆଧୁନିକ ପ୍ରଚାର ବ୍ୟବସ୍ଥା ଏବଂ ଚାଳନା ଅନୁମତି ପାଇଁ ଆବେଦନକାରୀଙ୍କୁ କମ୍ପ୍ୟୁଟର ସହାୟତାରେ ବାସ୍ତବ ଗାଡ଼ି ଚାଳନାର କୃତ୍ରିମ ଅନୁଭୂତି ପ୍ରଦାନ କରୁଥିବା ପ୍ରଶିକ୍ଷଣ ବ୍ୟବସ୍ଥା କରାଯିବ। ଏହାସହ ଦୁର୍ଘଟଣାପ୍ରବଣ ସ୍ଥାନ ଚିହ୍ନଟ, ସଡ଼କର ସୁରକ୍ଷିତ ନିର୍ମାଣ ଓ ଉନ୍ନତ ନକ୍ସା ପ୍ରସ୍ତୁତି, ସୁଚିନ୍ତିତ ସୂଚନାଫଳକ ସ୍ଥାପନ ଏବଂ ଆବଶ୍ୟକ ସ୍ଥାନରେ ଅନ୍ୟାନ୍ୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ହେଲମେଟ୍ ? ଓ ସିଟ୍ ?ବେଲ୍ଟ ନିୟମର କଡ଼ାକଡ଼ି ଅନୁପାଳନ ସହ ବେଗ ନିରୀକ୍ଷଣ ଯନ୍ତ୍ର ବ୍ୟବହାର, ବିଭିନ୍ନ ଟ୍ରାଫିକ୍ ? ଛକରେ ଯାଞ୍ଚ ବ୍ୟବସ୍ଥାକୁ ଆହୁରି ଦୃଢ଼ କରାଯିବ। ଦୁର୍ଘଟଣା ପରେ ଜୀବନ ରକ୍ଷା ପାଇଁ ସୁବର୍ଣ୍ଣ ଘଣ୍ଟା ମଧ୍ୟରେ ଆହତଙ୍କୁ ତୁରନ୍ତ ଚିକିତ୍ସାସେବା ଯୋଗାଇବା, ସ୍ୱେଚ୍ଛାସେବୀଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ଦେବା ଏବଂ ଘଟଣାସ୍ଥଳରେ ଶୀଘ୍ର ଜରୁରୀକାଳୀନ ଯାନ ପହଞ୍ଚାଇବା ପାଇଁ ସମନ୍ୱିତ ବ୍ୟବସ୍ଥା କରାଯିବ। ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଆଧୁନିକୀକରଣ ଶ୍ରୀ ସୌମେନ୍ଦ୍ର ପ୍ରିୟଦର୍ଶୀ, ଅପରାଧ ଶାଖାର ଆରକ୍ଷୀ ମହାନିରୀକ୍ଷକ ଶ୍ରୀ ସାର୍ଥକ ଷଡ଼ଙ୍ଗୀ, ଯୋଗାଣ ବିଭାଗର ଆରକ୍ଷୀ ମହାନିରୀକ୍ଷକ ଶ୍ରୀ ନୀତି ଶେଖର, ଅପରାଧ ଶାଖାର ଉପଆରକ୍ଷୀ ମହାନିରୀକ୍ଷକ ଶ୍ରୀ ମଡକର ସନ୍ଦୀପ ସମ୍ପତ, ଓଡ଼ିଶା ସଡ଼କ ସୁରକ୍ଷା ପରିଷଦ ସଦସ୍ୟ ଆଇନଜୀବୀ ଶ୍ରୀ ସୁଜିତ ସେନାପତିଙ୍କ ସମେତ ପୁନମ ରାଣୀ, ଆନୁରାଗ କୁଳଶ୍ରେଷ୍ଠ, ସଞ୍ଜିତ ସିଂହ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ରାଜ୍ୟର ପ୍ରମୁଖ ସହରଗୁଡ଼ିକୁ ଆଦର୍ଶ ସଡ଼କ ସୁରକ୍ଷା ସହରରେ ପରିଣତ କରିବାର ଏହି ପଦକ୍ଷେପ ସଫଳ ହେଲେ ସଡ଼କ ଦୁର୍ଘଟଣା ହ୍ରାସ ସହ ଅନେକ ଅମୂଲ୍ୟ ଜୀବନ ରକ୍ଷା ପାଇପାରିବ ବୋଲି ଆଶା ପ୍ରକାଶ ପାଇଛି।

## ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ମାମଲାରେ ବିକ୍ରମ ପଣ୍ଡାଙ୍କୁ ଗିରଫ ଘଟଣା

# ରାଜ୍ୟ ସରକାରଙ୍କ ଚାପରେ ବିକ୍ରମ ପଣ୍ଡାଙ୍କୁ ଗିରଫ କରାଯାଇଥିଲା: ବିଜେଡି

ଭୁବନେଶ୍ୱର,୩/ ୯ :ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇଥିବା ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡା ଗତ କାଲି ଜାମିନରେ ଖଲାସ ହୋଇଥିବା ବେଳେ ଆଜି ତାଙ୍କ ଗିରଫ ରାଜନୈତିକ ଚାପରେ ହୋଇଥିଲା ବୋଲି ବିଜେଡି ଦାବି କରିଛି । ରାଜନୈତିକ ଫାଇଦା ପାଇଁ ବିଜେଡି ନେତାଙ୍କୁ ରାଜ୍ୟ ବିଜେପି ସରକାରଙ୍କ ଚାପରେ ଏହି ଗିରଫ କରାଯାଇଥିଲା ବୋଲି ବିଜେଡି ଅଭିଯୋଗ କରିଛି ।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଥିଲେ, ବିକ୍ରମ ପଣ୍ଡାଙ୍କୁ ରାଜ୍ୟ ଉଚ୍ଚ ନ୍ୟାୟାଳୟ ଜାମିନ ପ୍ରଦାନ କରିବା ବେଳେ ତାଙ୍କ ଗିରଫ ଅବୈଧ ଥିଲା ବୋଲି ବିଚାରପତି ଉଲ୍ଲେଖ କରିଛନ୍ତି । ପୋଲିସ ଅଧିକାରୀ ବିକ୍ରମ ପଣ୍ଡାଙ୍କୁ ଗିରଫ କରିବା ସମୟରେ ପୋଲିସ ଅଧିକାରୀ ତାଙ୍କୁ, ତାଙ୍କ ଗିରଫର କାରଣ ଜଣାଇ ନଥିଲେ । ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ମାମଲାରେ ବିକ୍ରମଙ୍କ ସିଧାସଳଖ ସମ୍ପୃକ୍ତିର କୌଣସି ପ୍ରମାଣ ନଥାଇ ବିକ୍ରମ ପଣ୍ଡାଙ୍କୁ ଗିରଫ କରାଯାଇଥିଲା ବୋଲି




ବିଚାରରେ କୁହାଯାଇଛି । କେବଳ ଜଣେ କୋ-ଆକ୍ୟୁଜଡର ଷ୍ଟେଟମେଣ୍ଟ ଉପରେ ବିକ୍ରମଙ୍କୁ ଗିରଫ କରାଯାଇଥିଲା । ଏହିସବୁ କାରଣରୁ, ବିକ୍ରମଙ୍କ ଗିରଫକୁ ବେଆଇନ ବୋଲି ବିଚାରପତି କହିଛନ୍ତି । ଏହାଛଡା କୋର୍ଟ ଏହି ଅର୍ଡରର କପି ରାଜ୍ୟ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଓ ପୋଲିସ ଡିଜିଙ୍କ ନିକଟକୁ ପଠାଇ ରାଜ୍ୟର ପ୍ରତି ପୋଲିସ ଷ୍ଟେସନରେ ଏହିଭଳି ନିୟମ ଉଲଂଘନ କରି ଗିରଫ ଯେପରି ନହୁଏ, ସେଥିପ୍ରତି ସମସ୍ତେ ଯତ୍ନବାନ ହେବେ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ଡ ମହାନ୍ତି କହିଥିଲେ, ଏହି ଅବୈଧ ଗିରଫ କାରଣରୁ ବିକ୍ରମ ପଣ୍ଡାଙ୍କ ପରି ଜଣେ ଲୋକପ୍ରିୟ ରାଜନେତାଙ୍କୁ ଦଶ ମାସ ଦଶ ଦିନ ଜେଲରେ ରହିବାକୁ ହେଲା । ଏହି ଭୁଲ ପାଇଁ ବିକ୍ରମଙ୍କୁ ଗିରଫ କରିଥିବା ପୋଲିସ ଅଧିକାରୀ ଓ ଗଞ୍ଜାମ ଏସପି କ୍ଷମା ପ୍ରାର୍ଥନା କରିବେ କି ? କୋର୍ଟ ଦେଇଥିବା ଅର୍ଡରରୁ ସ୍ପଷ୍ଟ ହୋଇଛି ଯେ ପୋଲିସ ତାର କ୍ଷମତାର ଅପବ୍ୟବହାର କରି ଏହି ଗିରଫ କରିଥିଲା । ଏହି ଗିରଫ କେବଳ ରାଜ୍ୟ ବିଜେପି ସରକାରଙ୍କ ଚାପରେ ହୋଇଥିଲା ବୋଲି ବୁଝିବାକୁ ଆଉ ବାକି ନାହିଁ । ରାଜ୍ୟରେ ପୋଲିସ ପ୍ରଶାସନକୁ ନିଜ ଫାଇଦା ପାଇଁ ରାଜ୍ୟ ବିଜେପି ସରକାର ବ୍ୟବହାର କରିବା ଏକ ସାଧାରଣ ଘଟଣାରେ ପରିଣତ ହୋଇଛି । ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିଛି, ସେଥିପ୍ରତି ସରକାରଙ୍କ ନିଘା ନାହିଁ । କେବଳ ନିଜର ରାଜନୈତିକ ଫାଇଦା ହାସଲ ପାଇଁ ପୋଲିସକୁ ବ୍ୟବହାର କରାଯାଉଛି ।

# 'ଶିଶୁ ଆଇନା' କୋମଳମତି ଶିଶୁଙ୍କ ପାଇଁ ଏକ ଅପୂର୍ବ ଭେଟି

ଭୁବନେଶ୍ୱରଓ/ ୯ ::କୋମଳମତି ଶିଶୁଙ୍କ ପଠନ ସଂସ୍କୃତି ଓ ସୃଜନଶୀଳତାର ବିକାଶ ପାଇଁ ଏହି ପୁସ୍ତକଟି ରଚନା କରାଯାଇଛି। ଆକର୍ଷଣୀୟ ଚିତ୍ର ଓ ସରଳ ଭାଷାରେ ଲିଖିତ ଏହି ପୁସ୍ତକଟି ଶିଶୁମାନଙ୍କ ମନୋରଞ୍ଜନ ସହ ଶିକ୍ଷଣୀୟ ଖୋରାକ ଯୋଗାଇବ ବୋଲି କବି ଅମରନାଥ ବାରିକ୍ କହିଛନ୍ତି । ଏହା ଶିଶୁ ସାହିତ୍ୟ ଜଗତରେ ଏକ ଅଭୁଲା ସ୍ୱାକ୍ଷର ହୋଇରହିବ ବୋଲି ଆଶାପ୍ରକାଶ କରିଥିଲେ। ଛୋଟ ଛୋଟ ପିଲାଙ୍କ ମନସ୍ତତ୍ତ୍ୱ, ସେମାନଙ୍କ ଶୈକ୍ଷିକ ଆବଶ୍ୟକତା ଏବଂ ପଠନ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ଏହି ପୁସ୍ତକଟି ରଚନା କରାଯାଇଛି। ପୁସ୍ତକଟିରେ ରହିଥିବା ୬୦ଟି ଗୀତି କବିତା ସହ ରଙ୍ଗୀନ ଆକର୍ଷଣୀୟ ଚିତ୍ରାବଳୀ, ମନୋରଞ୍ଜକ ପଦ୍ୟ ଓ ସରଳ ଭାଷାର ସଂଯୋଜନା ପିଲାମାନଙ୍କୁ ନୀତିଶିକ୍ଷା ଏବଂ ସୃଜନଶୀଳ ଶିକ୍ଷା ପ୍ରଦାନ କରିବାରେ ବେଶ୍ ସହାୟକ ହେବ। ଜଣା ଅଜଣା ଭଳି କିଛି ପ୍ରଶ୍ନୋତ୍ତର ମଧ୍ୟ ରହିଛି । ଏହା ୧୭୦ ପୃଷ୍ଠା ବିଶିଷ୍ଟ ଏକ ଆବେଗପୂର୍ଣ୍ଣ ସଂକଳନ । ଯାହାର ମୂଲ୍ୟ ମାତ୍ର ୨୦୦ ଟଙ୍କା ରଖାଯାଇଛି । ଏହା ଆମାଜୋନରେ ମଧ୍ୟ ଉପଲବ୍ଧ ହେବ ବୋଲି ଆଶା କରାଯାଉଛି । 'ଶିଶୁ ଆଇନା' ପ୍ରକୃତରେ ଶିଶୁମାନଙ୍କ ମନର ଏକ ସୁନ୍ଦର ପ୍ରତିଫଳନ ବୋଲି ଲେଖକ ମତ ପ୍ରକାଶ କରିଛନ୍ତି। ପୂର୍ବ ପ୍ରକାଶିତ ପୁସ୍ତକ 'ହେ ଈଶ୍ୱର' ପାଠକ ମାନଙ୍କ ମନକୁ ଛୁଇଁଥିବା ବେଳେ ବନଫୁଲ ପ୍ରକାଶନୀ ପକ୍ଷରୁ ପ୍ରକାଶିତ ତଥା ସୁଲେଖକ ଅମରନାଥ ବାରିକଙ୍କ ରଚିତ ନୂତନ ଶିଶୁ ସାହିତ୍ୟ ପୁସ୍ତକ 'ଶିଶୁ ଆଇନା' ଆନୁଷ୍ଠାନିକ ଭାବେ ଉନ୍ମୋଚନ ହେବାକୁ ଯାଉଛି ।

# ଡ଼.ରଜତ କର ଥିଲେ ଓଡ଼ିଆ ସଂସ୍କୃତିର ଅସାଧାରଣ ବାଗ୍ମୀ



ଭୁବନେଶ୍ୱର,୩/ ୯ ::ପଦ୍ମଶ୍ରୀ ରଜତ କୁମାର କର ଏକା ଧାରା ରେ ଜଣେ ପ୍ରବୀଣ ବକ୍ତା, ସାହିତ୍ୟିକ,ଲେଖକ,ଇତିହାସ ଗବେଷକ,ନାଟ୍ୟକାର,କବି ଓ ଅଭିନେତା ଥିବା ବେଳେ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରା ରେ ୧୯୫୯ ରୁ ୬୨ ବର୍ଷ ଧରି ଧାରାବିବରଣୀ ଦେଇ ନିଜକୁ ମହାପ୍ରଭୁଙ୍କ ଏକ ଅନନ୍ୟ ସେବକ ଭାବେ ସ୍ଥାପିତ କରିପାରି ଥିଲେ.ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତିକୁ ବିଶ୍ୱ ଦରବାରେ ପହଞ୍ ?ଇବାରେ ତାଙ୍କର ଅସାଧାରଣ ବାଗ୍ମିତା ତାଙ୍କୁ ଓଡ଼ିଶାର 'ସଂସ୍କୃତି-ବାଚସ୍ପତି' ଭାବେ ଚିରସ୍ମରଣୀୟ କରିରଖିବ ବୋଲି ପଦ୍ମଶ୍ରୀ ରଜତ କୁମାର କରଙ୍କ ୯୩ତମ ଜୟନ୍ତୀ ସଭାରେ ଅତିଥି ମାନେ ମତ ପ୍ରକାଶ କରିଥିଲେ . ସ୍ଥାନୀୟ ସଚିବାଳୟ ମାର୍ଗ ସ୍ଥିତ ଗୀତଗୋବିନ୍ଦ ସଦନର ସଭା କକ୍ଷରେ ପୂର୍ବତନ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ମନମୋହନ ପ୍ରହରାଜଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଓ ଓଡିଶା ସାହିତ୍ୟ ଏକାଡେମୀ ଏବଂ ପଦ୍ମଶ୍ରୀ ରଜତ କୁମାର କର ସ୍ମୃତି ସଂସଦ ଦ୍ୱାରା ଆୟୋଜିତ ଶ୍ରୀ କରଙ୍କ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ନ୍ୟାୟମୂର୍ତ୍ତି ଶ୍ରୀ ଶଶୀକାନ୍ତ ମିଶ୍ର,ପାଲା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ସହ ପାଲକଳାକାର ମାନଙ୍କ ସଂରକ୍ଷଣରେ ପଦ୍ମଶ୍ରୀ କରଙ୍କ ଭୂମିକା ଲାଗି ଜାତି ତାଙ୍କ ପାଖରେ ଜାତି ସଦା ଋଣୀ ରହିବ. ସମ୍ମାନିତ ଅତିଥ ପୂର୍ବତନ ସାଂସଦ କବି ଡ଼ ପ୍ରସନ୍ନ କୁମାର ପାଟ୍ଟଶାଣୀ କହିଥିଲେ ରଜତ କରଙ୍କ ବହୁମୁଖୀ ପ୍ରତିଭା ଯୋଗୁଁ ତାଙ୍କୁ ସବୁ ବର୍ଗର ଲୋକଙ୍କ ଆଦୃତି ମିଳୁଥିଲା..ଓଡ଼ିଆ ଭାଷା ସାହିତ୍ୟ ବିଶେଷ କରି ଭଞ୍ଜ ସାହିତ୍ୟ ଓ ରୀତି ଯୁଗୀୟ ଓ ମଧ୍ୟ ଯୁଗୀୟ ସାହିତ୍ୟର ବାଖ୍ୟାନ କରିବାରରେ ରଜତ କୁମାର କର ଥିଲେ ଅଦ୍ୱିତୀୟ ବାଗ୍ମୀ ବୋଲି ମୁଖ୍ୟ ବକ୍ତା ଭାବରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ଡ଼ ସତ୍ୟନାରାୟଣ ଆଚାର୍ଯ୍ୟ ମତ ପ୍ରକାଶ କରିଥିଲେ. ପଦ୍ମଶ୍ରୀ ରଜତ କୁମାର କର ରଥଯାତ୍ରାରେ ଧାରାବିବରଣୀ ଦେଲା ବେଳେ ତାଙ୍କ ଭିତରେ ଐଶ୍ୱରିକ ସତ୍ତା ର ଅନୁଭୂତି ହେଉଥିବା କଥା ସ୍ମରଣ କରିବା ତାଙ୍କ ପ୍ରେରଣା ଓ ଉଦ୍ୟମ ବଳରେ ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷଣର ଅନେକ ନୂତନ ଦିଗନ୍ତ ଉନ୍ମୁକ୍ତ ହୋଇଥିଲା ବୋଲି ସମ୍ମାନିତ ବକ୍ତା ପଣ୍ଡିତ ପଦ୍ମନାଭ ତ୍ରିପାଠୀଶର୍ମା କହିଥିଲେ. ଏହି ଅବସରରେ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରରେ ଜୀବନ ବ୍ୟାପି ସାଧନା ପାଇଁ ଇଂ ଚନ୍ଦ୍ରଶେଖର ନନ୍ଦଙ୍କୁ ପ୍ରଥମ ପଦ୍ମଶ୍ରୀ ରଜତ କୁମାର କର ସ୍ମାରକୀ "ସଂସ୍କୃତି ପୁରୁଷ ସମ୍ମାନ" ପ୍ରଦାନ କର ଯିବା ସହ ଉପଢୌକନ ଓ ସମ୍ମାନ ରାଶି ପ୍ରଦାନ କରାଯାଇଥିଲା. ରଜତ କରଙ୍କ ଦୁଇଟି ଅମୁଲ୍ୟ ପୁସ୍ତକ 'ବିପ୍ଳବୀ ଓଡ଼ିଆ ବୀର' ଓ 'ଜନମାନସରେ ଭଞ୍ଜ' ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା. ସ୍ମୃତି ସଂସଦ ତରଫରୁ ଡାକ୍ତର ଅଂଶୁମାନ କର ପଦ୍ମଶ୍ରୀ କରଙ୍କ କାଳଜୟ ସୃଷ୍ଟିମାନଙ୍କୁ ପ୍ରକାଶ କରିବା ଏବଂ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ମୃତି ସଂସଦ ଭାଷା ସାହିତ୍ୟ ସଂରକ୍ଷଣ ଦିଗରେ କରିବାକୁ ଥିବା କାର୍ଯ୍ୟକ୍ରମ ସବୁର ସୂଚନା ରଖିଥିଲେ . ଇଂ ରଣଜୀତ କର ଧନ୍ୟବାଦ ଦେଇ ଥିବା ବେଳେ ଡ଼ ଅନୁପ ମାର୍ଥା ମାନପତ୍ର ପାଠ କରିଥିଲେ. ଏହି ଉତ୍ସବରେ ବରିଷ୍ଠ ଶିକ୍ଷାବିତ ପଣ୍ଡିତ ନଗେନ୍ଦ୍ର କୁମାର ମହାପାତ୍ର ବେଦ ପାଠ ଓ କବିତା ପାଠ କରିଥିଲେ . ଗାୟକଭୂଷଣ ଶ୍ରୀ ଯୋଗେନ୍ଦ୍ରନାଥ ମାର୍ଥା ଓ ସାଥି ମାନେ ପାଲା ପରିବେଷଣ କରିଥିଲେ. କଳିଙ୍ଗ ଭାରତୀର ସଭାପତି ଶ୍ରୀ ପ୍ରଭାତ କୁମାର ନନ୍ଦ ପାଲାଗାୟକ ଓ ତାଙ୍କ ସହଯୋଗୀ ମାନଙ୍କୁ ସମ୍ବର୍ଦ୍ଧିତକରିଥିଲେ . ଶିକ୍ଷା, ସାହିତ୍ୟ, ସଂଗୀତ ଓ ସୃଜନ ରେ ପରିପୂର୍ଣ୍ଣ ସ୍ୱର୍ଗତ ପଦ୍ମଶ୍ରୀ ରଜତ କରଙ୍କ ବହୁମୁଖୀ ପ୍ରତିଭା ବିଷୟ ରେ ସଭାରେ ଉପସ୍ଥିତ ଅନେକ ବିଶିଷ୍ଟ ପାଲାଗାୟକ, ସାହିତ୍ୟିୟ ସମ୍ପାଦକ ଓ ଗବେଷକ ମାନେ ଆଲୋଚନା କରି ଥିଲେ. ଶ୍ରୀମତୀ ସାଗରିକ ପ୍ରହରାଜ ଓ ଡ଼ ରାଜୀବ କର ସଭା ପରିଚାଳନା କରିଥିବା ବେଳେ,ନିବେଦିତା କର, ଦେବସ୍ମିତା ମହାପାତ୍ର ଓ ଅଂଶୁମିତା, ଡାକ୍ତର ଉପେନ୍ଦ୍ର ନାୟକ , ଶ୍ରୀ ପୀତବାସ ରାଉତ୍ରାୟ, ଶ୍ରୀମତୀ ତପସ୍ୱିନୀ କର, ଶ୍ରୀ ଅଶୋକ କୁମାର ଦାଶ, ଡାକ୍ତର ଦୀପକ ରାଜ, ଅମୁଲ୍ୟ କୁମାର ସ୍ୱାଇଁ ,ପ୍ରଦୀପ କର,ଶ୍ରୀ ହୃଷିକେଶ ବେହେରା ,ଦେବୀ ରଞ୍ଜନ ଧର ,ଜ୍ଞାନରଞ୍ଜନ ନନ୍ଦ ଆଦି ସ୍ମୃତି ସଂସଦର ସଭ୍ୟ ମାନେ ସହଯୋଗ କରିଥିବା ବେଳେ ବହୁ ବୁଦ୍ଧିଜୀବୀ ଓ ରଜତ ପ୍ରେମୀ ସାହିତ୍ୟ ଅନୁରାଗୀ ଉପସ୍ଥିତ ଥିଲେ ।

# ଉଚ୍ଚ ଶିକ୍ଷାନୁଷ୍ଠାନରେ ଉପସ୍ଥାନ ପାଇଁ ବାୟୋମେଟ୍ରିକ ବ୍ୟବସ୍ଥା ପ୍ରତ୍ୟାହାର କର - ଏଆଇଡିଏସଓ

ଭୁବନେଶ୍ୱର,୩/ ୯ :ଚଳିତବର୍ଷ ରାଜ୍ୟ ସରକାର ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନ ମାନଙ୍କରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ବାଧ୍ୟତାମୂଳକ ପାଇଁ ବାୟୋମେଟ୍ରିକ୍ ବ୍ୟବସ୍ଥା ଲାଗୁକରିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରଥମେ ପରୀକ୍ଷାମୂଳକ ଭାବରେ ଦଶଟି ଉଚ୍ଚ ଶିକ୍ଷାନୁଷ୍ଠାନରେ ଲାଗୁ କରିବା ପାଇଁ ବିଜ୍ଞପ୍ତି ଜାରି କରିଛନ୍ତି। ଏହି ଅନ୍ୟାୟ ନିଷ୍ପତ୍ତିକୁ ଅଲ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟସ ଅର୍ଗାନାଇଜେସନ୍ (ଏଆଇଡିଏସଓ) ପକ୍ଷରୁ ଦୃଢ଼ ବିରୋଧ କରାଯିବା ସହ ସଂଗଠନର ରାଜ୍ୟ ସଭାପତି ସୋମନାଥ ବେହେରା ଓ ସଂପାଦକ ସିଦ୍ଧାର୍ଥ ରଥ ଏକ ପ୍ରେସ ବିବୃତ୍ତି ଜାରୀକରି ସରକାରଙ୍କ ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ଅନ୍ୟାୟ ଓ ଛାତ୍ର ଶିକ୍ଷା ବିରୋଧୀ ଏହାକୁ ତୁରନ୍ତ ସରକାର ଅବିଳମ୍ବେ ପ୍ରତ୍ୟାହାର କରିବାକୁ ଦୃଢ଼ ଦାବି କରିଛନ୍ତି।

ଏହି ପ୍ରେସ ବିବୃତ୍ତିରେ କୁହାଯାଇଛି ଯେ, ଆମର ରାଜ୍ୟରେ ଉଚ୍ଚ ଶିକ୍ଷା ସମ୍ପୂର୍ଣ୍ଣ ରସାତଳଗାମୀ ହୋଇପଡିଛି। ହଜାର ହଜାର ସଂଖ୍ୟାରେ ଅଧ୍ୟାପକ ଓ ଶିକ୍ଷା କର୍ମଚାରୀ ପଦବୀ ଖାଲି ପଡ଼ିଛି। ଫିସ ବୃଦ୍ଧି, ବିଭିନ୍ନ ସାଧାରଣ କୋର୍ସକୁ ସେଲ୍ଫଫାଇନାନ୍ସିଙ୍ଗ କୋର୍ସ ପରିଣତ କରିବା, ଆବଶ୍ୟକ ଭିତ୍ତିଭୂମି, ଶ୍ରେଣୀଗୃହ ଓ ହଷ୍ଟେଲ ଅଭାବ, ଲାଇବ୍ରେରୀ ଓ ଲାବ୍‌ରୋଟରୀଗୁଡିକର ଅବ୍ୟବସ୍ଥା, ଶିକ୍ଷା ବଜେଟ୍ ତଥା ଗବେଷଣାରେ ଅପ୍ରତ୍ୟାଶିତ ଭାବେ ଅନୁଦାନ ହ୍ରାସ ଭଳି ବହୁବିଧ ସମସ୍ୟା ଆହୁରି ଜଟିଳ ରୂପ ଧାରଣ କରିଛି। ଏସବୁ ସମସ୍ୟାର ସମାଧାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ ନକରି ଛାତ୍ରଛାତ୍ରୀଙ୍କ ଉପସ୍ଥାନ ରଖିବା ପାଇଁ ଉଚ୍ଚ ଶିକ୍ଷାନୁଷ୍ଠାନରେ ବୟୋମେଟ୍ରିକ ବ୍ୟବସ୍ଥା କରିଛନ୍ତି, ଯାହା ଅତ୍ୟନ୍ତ ନିନ୍ଦନୀୟ। କିଛି ଦିନ ତଳେ କେଜି ରୁ ପିଜି ମାଗଣା ଶିକ୍ଷା ଦେବା ପାଇଁ ସରକାର ଜାରି କରିଥିବା ମାର୍ଗଦର୍ଶିକା ଅନୁଯାୟୀ ଯେଉଁ ଛାତ୍ରଛାତ୍ରୀମାନଙ୍କର ୭୫ ପ୍ରତିଶତ ଉପସ୍ଥାନ ନଥିବ ସେମାନଙ୍କ ପାଇଁ ସରକାର ଅନୁଦାନ ପ୍ରଦାନ କରିବେ ନାହିଁ। ବିଭିନ୍ନ କାରଣ ପାଇଁ ଅନେକ ସମୟରେ ଛାତ୍ରଛାତ୍ରୀମାନଙ୍କର ୭୫ ପ୍ରତିଶତ ଉପସ୍ଥାନ ସମ୍ଭବ ହୋଇନଥାଏ। ଅନ୍ୟ ଦିଗରେ ସରକାର ଏହି ଯୋଜନାରେ କିସ୍ତିରେ ଅନୁଦାନ ଦେବେ ବୋଲି ମାର୍ଗଦର୍ଶିକାରେ ଉଲ୍ଲେଖ କରିଛନ୍ତି। ଫଳରେ ପରିଚାଳନା ତଥା ଅତିଥି ଅଧ୍ୟାପକ ରଖିବା ପାଇଁ ଆବଶ୍ୟକ ଅନୁଦାନ ଅଭାବରୁ ବହୁ ଅନୁଦାନ, ଅଣ ଅନୁଦାନ ପ୍ରାପ୍ତ ଓ ବ୍ଲକ ଗ୍ରାଣ୍ଟ ମହାବିଦ୍ୟାଳୟ ବନ୍ଦ ହେବ। ତେଣୁ ବାୟୋମେଟ୍ରିକର ଅସଲ ଉଦ୍ଦେଶ୍ୟ କେଜି ରୁ ପିଜି ମାଗଣା ଶିକ୍ଷା ଯୋଜନାରେ ଶିକ୍ଷାନୁଷ୍ଠାନକୁ ଅନୁଦାନ ନଦେବା । ଏହା ଏନ୍‌ଇପି-୨୦୨୦ର ସୁପାରିସକୁ ଲାଗୁ କରିବାର ଆଉ ଏକ ଯୋଜନା। ପ୍ରକୃତରେ ଯଦି ସରକାର ସରକାରୀ ଶିକ୍ଷା ଓ ରାଜ୍ୟର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ କଥା ଚିନ୍ତା କରୁଛନ୍ତି , ତେବେ ଶିକ୍ଷାନୁଷ୍ଠାନମାନଙ୍କରେ ଭିତ୍ତିଭୂମିର ଉନ୍ନତିକରଣ ବିଶେଷ କରି ଆବଶ୍ୟକ ଶ୍ରେଣୀଗୃହ, ଛାତ୍ରଛାତ୍ରୀଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣରେ ହଷ୍ଟେଲ ସୁବିଧା, ଆବଶ୍ୟକ ସଂଖ୍ୟକ ଅଧ୍ୟାପକ ନିଯୁକ୍ତି ,ଲାଇବ୍ରେରୀ ଓ ଲାବ୍‌ରୋଟାରୀର ଅବ୍ୟବସ୍ଥା ଦୂରକରିବା ସହ ଆବଶ୍ୟକ ଅନୁଦାନ ପ୍ରଦାନ କରିବା ଆବଶ୍ୟକ। ଏହା କରିବା ପରିବର୍ତ୍ତ? ସରକାର ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବହୁ ଦେଶୀ ବିଦେଶୀ କମ୍ପାନୀମାନଙ୍କୁ ଲାଭାର୍ଜନ ପାଇଁ ବାୟୋମେଟ୍ରିକ ଯନ୍ତ୍ର ମାଧ୍ୟମରେ ଉପସ୍ଥାନ ବ୍ୟବସ୍ଥା ଲାଗୁ କରିବା ନିଷ୍ପତ୍ତି ପ୍ରକୃତରେ ବିଭିନ୍ନ କମ୍ପାନୀମାନଙ୍କ ପକେଟ ଭରିବ। ସରକାର ଅବିଳମ୍ବେ ଏହି ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ପ୍ରତ୍ୟାହାର କରି ରାଜ୍ୟରେ ଉଚ୍ଚଶିକ୍ଷାନୁଷ୍ଠାନମାନଙ୍କରେ ଶୈକ୍ଷିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ଗ୍ରହଣ କରନ୍ତୁ। ନଚେତ୍ ଦୃଢ଼ ଛାତ୍ର ଆନ୍ଦୋଳନ ସଂଗଠିତ କରାଯିବ ବୋଲି ଏଆଇଡିଏସଓ ପକ୍ଷରୁ ଚେତାବନୀ ଦିଆଯାଇଛି।

# ନବୀନ ପଟ୍ଟନାୟକ ଓ ଭିକେ ପାଣ୍ଡିଆନଙ୍କ ବିରୋଧରେ ହେଲିକପ୍ଟର ଅପବ୍ୟବହାର ମାମଲା ଖୋର୍ଦ୍ଧା ଜିଲ୍ଲା କୋର୍ଟରେ ଖାରଜ

ଭୁବନେଶ୍ୱର,୩/ ୯ :: ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଏବଂ ପୂର୍ବତନ ୫-ଟି ଅଧ୍ୟକ୍ଷ ଶ୍ରୀ ଭିକେ ପାଣ୍ଡିଆନଙ୍କ ବିରୋଧରେ ହେଲିକପ୍ଟର ଉଡାଣରେ ଅନିୟମିତତା ନେଇ ହୋଇଥିବା ମାମଲାକୁ ଖୋର୍ଦ୍ଧା ଜିଲ୍ଲା ସିରା ଜଜ୍‌ଙ୍କ କୋର୍ଟ ଖାରଜ କରିଛନ୍ତି । କୌଣସି ସରକାରୀ ଖର୍ଚ୍ଚର ଅପବ୍ୟବହାର ହୋଇନଥିବା କୋର୍ଟ ଦର୍ଶାଇଛନ୍ତି । ସତ୍ୟର ବିଜୟ ହୋଇଛି ଓ କୁଚକ୍ରୀ ମାନଙ୍କ ଚକ୍ରାନ୍ତ ସର୍ବସମ୍ମୁଖକୁ ଆସିଛି ବୋଲି କହିଛି ବିଜେଡି ।

ପୂର୍ବରୁ ଭୁବନେଶ୍ୱର ଏସଡିଜେଏମ କୋର୍ଟ ବି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଓ ଶ୍ରୀ ଭିକେ ପାଣ୍ଡିଆନଙ୍କ ସ୍ୱଚ୍ଛତା ଉପରେ ମୋହର ମାରିଥିଲେ । ଯାହାକୁ ଖୋର୍ଦ୍ଧା ଜିଲ୍ଲା କୋର୍ଟ କାଏମ ରଖିଛନ୍ତି । ସରକାରୀ କୋଷାଗାରରୁ ପ୍ରାୟ ୫୦୦ କୋଟି ଟଙ୍କା ବ୍ୟୟ କରି ହେଲିକପ୍ଟର ବ୍ୟବହାର କରିଥିଲେ ବୋଲି ଅଭିଯୋଗ ହୋଇଥିଲା । କିନ୍ତୁ ୨ ବର୍ଷ ବିତିଯିବା ପରେ ମଧ୍ୟ ଅଭିଯୋଗର ସତ୍ୟତା ନେଇ କୌଣସି ପ୍ରମାଣ ଉପସ୍ଥାପନ ହୋଇପାରି ନଥିଲା । ତେଣୁ ଆଇନଗତ ଏବଂ ପ୍ରାମାଣିକ ତ୍ରୁଟି ପାଇଁ ଜିଲ୍ଲା ଜଜ୍ ବି ଏହି ମାମଲାରେ କୌଣସି ଭିତ୍ତି ନଥିବା ସ୍ପଷ୍ଟ କରି ଖାରଜ କରିଛନ୍ତି । ତେଣୁକରି ବିରୋଧୀ ଦଳ ନେତା ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଏବଂ ଶ୍ରୀ ଭିକେ ପାଣ୍ଡିଆନଙ୍କ ବିରୋଧରେ ଏହା ମିଥ୍ୟା, କପୋଳକଳ୍ପିତ ଓ ମନ୍ଦ ରାଜନୈତିକ ଉଦ୍ଦେଶ୍ୟ ରଖି ଅଭିଯୋଗ କରାଯାଇଥିଲା ବୋଲି ସ୍ପଷ୍ଟ ହୋଇଛି ।

ପ୍ରତିଶବ୍ଦ TV

ଭୁବନେଶ୍ୱର,ଶୁକ୍ରବାର, ସେପ୍ଟେମ୍ବର ୦୪, ୨୦୨୬

# କମିସନରେଟ୍ ପୁଲିସ୍ ଓ ଇଣ୍ଡିଆନ ରେଡକ୍ରସ ପକ୍ଷରୁ ତୁସି ମୋଟର୍ସ ସହଭାଗିତାରେ ରକ୍ତଦାନ ଶିବିର



କଟକ ,୩/୯ : ମାରୁତି ସୁଜୁକି ଅଧିକୃତ ଡିଲର,ତୁସି ମୋଟର୍ସ, କଟକ କମିଶନରେଟ୍ ପୁଲିସ, ଇଣ୍ଡିଆନ୍ ରେଡକ୍ରସ ସୋସାଇଟି ,ରେଡକ୍ରସ ଆଞ୍ଚଳିକ ଶାଖାର ମିଳତ ସହଯୋଗରେ ତୁସି ମୋଟର୍ସ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଟକ ଡିସିପି ଖିଲାରି ରିଷିକେଶ ,କଟକ ୟୁପିଡି ଡିସିପି ରଞ୍ଜିତ କୁମାର ପୃଷ୍ଟି ଏବଂ ଅମରେନ୍ଦ୍ର ପଣ୍ଡା, କମିଶନରେଟ୍ ପୁଲିସ ଭୁବନେଶ୍ୱର ଅତିରିକ୍ତ ଡିସିପି ମାନସ ଗଡନାୟକ ଏବଂ କୃଷ୍ଣଚନ୍ଦ୍ର ସେଠୀ,ଏସିପି କଟକ ଅରୁଣ କୁମାର ସ୍ୱାଇଁ,ଅମିତାଭ ମହାପାତ୍ର, ସୁଧାଂଶୁ ଭୂଷଣ ଜେନା, ମଙ୍ଗଳାବାଗ ଥାନା ଅଧିକାରୀ ଉମାକାନ୍ତ ସାହୁ,ରକ୍ତଦାନ ଶିବିର ନୋଡାଲ ଅଧିକାରୀ ସବ୍ ଇନ୍ସପେକ୍ଟର ଶିବାନୀ ନନ୍ଦ,ରେଡକ୍ରସ ପ୍ରତିଷ୍ଠାତା ସଦସ୍ୟ ଋଷି ପଟ୍ଟନାୟକ,ଦିଲ୍ଲୀପ ଦାଶଶର୍ମା,କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାର ବରିଷ୍ଠ ମେଡିକାଲ୍ ଅଧିକାରୀ ଡ.କନକଲତା ଦେଇ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରରେ ମୋଟ ୧୦୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ରକ୍ତ ଦାତା ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ତୁସି ମୋଟର୍ସ ପରିଚାଳନା ନିର୍ଦ୍ଦେଶିକା ପ୍ରୀତି ପଲ୍ଲଭି ପଟ୍ଟନାୟକ,ନିର୍ଦ୍ଦେଶକ ଅଂଶୁମାନ ପଟ୍ଟନାୟକ,ଭିପି ହରମୋହନ ମହାନ୍ତି ଉପସ୍ଥିତ ଥିଲେ ।ତୁସି ମୋଟର୍ସ ପକ୍ଷରୁ ଏପରି ପ୍ରୟାସ ଆଗାମୀ ଦିନରେ ଜାରି ରହିବ ।ସମାଜିକ ଦାୟୀତ୍ୱବୋଧ ପ୍ରତି ସଦା ସର୍ବଦା ତୁସି ମୋଟର୍ସ ପ୍ରତିବଦ୍ଧ ।ଆମର କର୍ମଚାରୀ ଓ ଗ୍ରାହକ ମାନଙ୍କ ସମର୍ଥନ ପାଇ ଆମେ ସର୍ବଦା କୃତଜ୍ଞ। ରକ୍ତର ଆବଶ୍ୟକତାକୁ ପୂରଣ କରିବା ପାଇ ଏହା ଆମ୍ଭର ଏକ ପ୍ରୟାସ ବୋଲି ଶ୍ରୀମତୀ ପଟ୍ଟନାୟକ କହିଛନ୍ତି।

# ଗଞ୍ଜାମର ଶିକ୍ଷା କ୍ଷେତ୍ରରେ ବଡ଼ ପଦକ୍ଷେପ: ୧୨ ଉଚ୍ଚ ବିଦ୍ୟାଳୟ ହେବ ଉଚ୍ଚ ମାଧ୍ୟମିକ, ସାଂସଦ ପାଣିଗ୍ରାହୀଙ୍କ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ

ବ୍ରହ୍ମପୁର, ୩/୯ : ଗଞ୍ଜାମ ଜିଲ୍ଲାର ଗ୍ରାମାଞ୍ଚଳ ଓ ଉପାନ୍ତ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ଉଚ୍ଚମାଧ୍ୟମିକ ଶିକ୍ଷା ସୁଯୋଗକୁ ଆହୁରି ସୁଦୃଢ଼ କରିବା ଦିଗରେ ବଡ଼ ପଦକ୍ଷେପ ନିଆଯାଇଛି। ସମଗ୍ର ଶିକ୍ଷା ଯୋଜନା ଅଧୀନରେ ଗଞ୍ଜାମ ଜିଲ୍ଲାର ୧୨ଟି ସରକାରୀ ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉନ୍ନୀତ କରାଯାଇଛି। ଏହି ନିଷ୍ପତ୍ତି ପାଇଁ ବ୍ରହ୍ମପୁର ଲୋକସଭା ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୩୧ ଅଗଷ୍ଟ ୨୦୨୬ର ବିଜ୍ଞପ୍ତି ଅନୁଯାୟୀ ସମଗ୍ର ରାଜ୍ୟର ୭୧ଟି ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ସ୍ତରକୁ ଉନ୍ନୀତ କରାଯାଇଛି ଏବଂ ଏଥିରେ ଗଞ୍ଜାମ ଜିଲ୍ଲାକୁ ସର୍ବାଧିକ ୧୨ଟି ବିଦ୍ୟାଳୟ ମିଳିଛି। ରାଜ୍ୟସ୍ତରରେ ଅନୁମୋଦିତ ୭୧ଟି ବିଦ୍ୟାଳୟ ମଧ୍ୟରୁ ୬୦ଟିରେ କଳା ଓ ୧୧ଟିରେ ବିଜ୍ଞାନ ଶିକ୍ଷା ବିଭାଗ ଖୋଲିବାର ବ୍ୟବସ୍ଥା ରହିଛି। ଗଞ୍ଜାମରେ ଉନ୍ନୀତ ହୋଇଥିବା ୧୨ଟି ବିଦ୍ୟାଳୟ ହେଉଛି ପୋଲସରା ବ୍ଲକର କେନ୍ଦୁବାଡ଼ିସ୍ଥିତ ଏସ୍ ?.ଆର୍ ?.କେ. ନୋଡାଲ ଉଚ୍ଚ ବିଦ୍ୟାଳୟ, ବେଗୁନିଆପଡ଼ା ବ୍ଲକର ତଳସରା ନୋଡାଲ ଉଚ୍ଚ ବିଦ୍ୟାଳୟ, ପୋଲସରା ବ୍ଲକର ଏମ୍ ?. ତେନ୍ତୁଳିଆସ୍ଥିତ ସରକାରୀ ୟୁ.ଜି. ଉଚ୍ଚ ବିଦ୍ୟାଳୟ, ପୁରୁଷୋତ୍ତମପୁର ବ୍ଲକର ସି.ଏଚ୍ ?. ନୂଆଗାଁସ୍ଥିତ ସରକାରୀ ୟୁ.ଜି. ଉଚ୍ଚ ବିଦ୍ୟାଳୟ, ଶେରଗଡ଼ ବ୍ଲକର ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ, ଜଗନ୍ନାଥପ୍ରସାଦ ବ୍ଲକର ରୟତ ଉଚ୍ଚ ବିଦ୍ୟାପୀଠ, ଆସିକା ବ୍ଲକର ଗୁଣ୍ଠପଡ଼ାସ୍ଥିତ ଜଗଦଳପୁର ଉଚ୍ଚ ବିଦ୍ୟାଳୟ, ପାତ୍ରପୁର ବ୍ଲକର ଜ ର ଡ଼ । ଗ ଡ଼ ସ୍ଥି ତ ଏସ୍ ?.ପି.ଏମ୍ ?.ଆର୍ ?. ବିଦ୍ୟାପୀଠ, ରଙ୍ଗେଇଲୁଣ୍ଡା ବ୍ଲକର ବାଲୁଙ୍କ ?ଶ୍ୱର ନଗରସ୍ଥିତ କେ.ଏସ୍ ?. ଉଚ୍ଚ ବିଦ୍ୟାଳୟ, ଦିଗପହଣ୍ଡି ବ୍ଲକର ଗୋକର୍ଣ୍ଣପୁର ନୋଡାଲ ଉଚ୍ଚ ବିଦ୍ୟାଳୟ, ଛତ୍ରପୁର ବ୍ଲକର ବିପୁଲିଙ୍ଗି ଉଚ୍ଚ ବିଦ୍ୟାଳୟ ଏବଂ ହିଞ୍ଜିଳିକାଟୁ ବ୍ଲକର ବୁରୁପଡ଼ାସ୍ଥିତ ଭଗବତୀ ବିଦ୍ୟାପୀଠ। ଏଥିମଧ୍ୟରୁ ପ୍ରଥମ ୧୦ଟି ବିଦ୍ୟାଳୟରେ କଳା ଏବଂ ବିପୁଲିଙ୍ଗି ଉଚ୍ଚ ବିଦ୍ୟାଳୟ ଓ ଭଗବତୀ ବିଦ୍ୟାପୀଠରେ ବିଜ୍ଞାନ ବିଭାଗ ଖୋଲିବ। ଏହି ଉନ୍ନତିକରଣ ଫଳରେ ଗ୍ରାମାଞ୍ଚଳର ଅନେକ ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ପରେ ଉଚ୍ଚମାଧ୍ୟମିକ ଶିକ୍ଷା ପାଇଁ ଦୂର ସହରକୁ ଯିବାର ବାଧ୍ୟତାରୁ ମୁକ୍ତ ହୋଇପାରିବେ। ବିଶେଷକରି ଦୂରଦୂରାନ୍ତ ଅଞ୍ଚଳର ଛାତ୍ରୀମାନଙ୍କ ପାଇଁ ନିଜ ଅଞ୍ଚଳ ନିକଟରେ ଉଚ୍ଚମାଧ୍ୟମିକ ଶିକ୍ଷାର ସୁଯୋଗ ମିଳିବା ଶିକ୍ଷା ଜାରି ରଖିବାରେ ଗୁରୁତ୍ୱପୂର୍ଣ୍ଣ ସହାୟକ ହେବ। ଦୂରତା, ଯାତାୟାତ ଖର୍ଚ୍ଚ ଓ ଅନ୍ୟାନ୍ୟ ସାମାଜିକ କାରଣରୁ ମାଟ୍ରିକ ପରେ ଶିକ୍ଷା ଛାଡ଼ିଦେଉଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା କମାଇବାରେ ମଧ୍ୟ ଏହି ପଦକ୍ଷେପ ସହାୟକ ହେବ ବୋଲି ଆଶା କରାଯାଉଛି। ସାଂସଦ ଡ. ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀଙ୍କୁ ପଠାଇଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଗ୍ରାମାଞ୍ଚଳ ଓ ଉପାନ୍ତ ଅଞ୍ଚଳରେ ୧୦ଟି କଳା ଏବଂ ୨ଟି ବିଜ୍ଞାନ ବିଭାଗ ଖୋଲିବା ଦ୍ୱାରା ସ୍ଥାନୀୟ ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷାର ରାସ୍ତା ଆହୁରି ସହଜ ହେବ। ଏହା ବିଶେଷତଃ ଗ୍ରାମାଞ୍ଚଳର ଝିଅମାନଙ୍କ ମାଟ୍ରିକ ପରବର୍ତ୍ତୀ ଶିକ୍ଷା ଜାରି ରଖିବାରେ ସହାୟକ ହେବ। ତେବେ ବିଦ୍ୟାଳୟଗୁଡ଼ିକ ଉଚ୍ଚ ମାଧ୍ୟମିକ ସ୍ତରରେ ପ୍ରକୃତ ଭାବେ ସଫଳ ହେବା ପାଇଁ ଶ୍ରେଣୀଗୃହ, ବିଜ୍ଞାନାଗାର, ପାଠାଗାର, ଶିକ୍ଷକ ଓ ଆବଶ୍ୟକ ଶିକ୍ଷା ସାମଗ୍ରୀର ବ୍ୟବସ୍ଥା ସମୟୋପଯୋଗୀ ଭାବେ ସୁନିଶ୍ଚିତ କରିବା ଆବଶ୍ୟକ। ଏହି ଦିଗରେ ଜିଲ୍ଲା ଓ ରାଜ୍ୟ ପ୍ରଶାସନ ସହ ସମନ୍ୱୟ ରଖି କାର୍ଯ୍ୟ କରିବେ ବୋଲି ଡ. ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ଗଞ୍ଜାମ ଜିଲ୍ଲାରେ ଶିକ୍ଷାର ସୁଯୋଗକୁ ଗ୍ରାମସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ଏବଂ ଛାତ୍ରଛାତ୍ରୀଙ୍କୁ ନିଜ ଅଞ୍ଚଳରେ ଉଚ୍ଚମାଧ୍ୟମିକ ଶିକ୍ଷାର ସୁଯୋଗ ଦେବା ଦିଗରେ ଏହି ନିଷ୍ପତ୍ତିକୁ ଏକ ଉଲ୍ଲେଖନୀୟ ପଦକ୍ଷେପ ଭାବେ ଦେଖାଯାଉଛି।



# ନର୍ସିଂ କଲେଜରେ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ



ଭୁବନେଶ୍ୱର,,୩/୯: ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ? ଓ ଚାଇଲ୍ଡ ହେଲ୍ପଲାଇନ୍, ପୁରୀର ମିଳିତ ପ୍ରୟାସରେ ପ୍ରିୟଙ୍କା ଦେବୀ କଲେଜ ଅଫ୍ ? ନର୍ସିଂ, ବାଲିଘାଟଠାରେ ମିଶନ ବାତ୍ସଲ୍ୟ ଯୋଜନା ଅନ୍ତର୍ଗତ ଏକ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ନର୍ସିଂ କଲେଜର ସମ୍ପାଦକ ବାବୁଲା ବେହେରା ଓ ଅଧକ୍ଷା କମଳା ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଶିଶୁ କଲ୍ୟାଣ ସମିତିର ଅଧକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ, ଚାଇଲ୍ଡ ହେଲ୍ପଲାଇନ୍ ? ସଂଯୋଜକ କୃଷ୍ଣ ଚନ୍ଦ୍ର ମିଶ୍ର ଓ ଦେବଗଡ଼ ଜିଲ୍ଲାର ପୂର୍ବତନ ଶିଶୁ କଲ୍ୟାଣ ସମିତି ସଦସ୍ୟ କୁମୁଦ ଶତପଥୀ ଯୋଗଦେଇ ଶିଶୁ ସୁରକ୍ଷା ଓ ଅଧିକାର, ଯୁବକମାନଙ୍କ ଭୂମିକା ସମ୍ପର୍କରେ ସଚେତନ କରିଥିଲେ।

ଶ୍ରୀ ସାହୁ କିଶୋର ନ୍ୟାୟ ଆଇନ, ୨୦୧୫ ଓ ପୋକ୍ସୋ ଆଇନ, ୨୦୧୨ ବିଷୟରେ ଆଲୋକପାତ କରିଥିଲେ। ଶ୍ରୀ ତ୍ରିପାଠୀ ଶିଶୁ ଅଧିକାର, ଶିଶୁ ସୁରକ୍ଷା ଓ ଶିଶୁ ବିବାହ ନିରୋଧ ଆଇନ, ୨୦୦୬ ଉପରେ ସୂଚନା ଦେଇଥିଲେ। ଶ୍ରୀ ଶତପଥୀ ଶିଶୁ ଶ୍ରମ ନିଷେଧ ଅଧିନିୟମ ଓ ମିଶନ ବାତ୍ସଲ୍ୟ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରୀ ମିଶ୍ର ଚାଇଲ୍ଡ ହେଲ୍ପଲାଇନ୍ ? ୧୦୯୮ର କାର୍ଯ୍ୟ ଓ ସେବା ସମ୍ପର୍କରେ ସଚେତନ କରିଥିଲେ। ମୁଖ୍ୟ ଅତିଥି କମଳା ପଣ୍ଡା ଛାତ୍ରଛାତ୍ରୀଙ୍କୁ ସାମାଜିକ ଗଣମାଧ୍ୟମର ସୁରକ୍ଷିତ ବ୍ୟବହାର ସହ ସାଇବର ଅପରାଧରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ।

ସଭାରେ ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଓ ୨୦ରୁ ଅଧିକ ଶିକ୍ଷକ ଓ ଅଧ୍ୟାପକ ଅଂଶଗ୍ରହଣ କରିଥିଲେ। ପୂର୍ବତନ ଶିଶୁ କଲ୍ୟାଣ ସମିତି ସଦସ୍ୟ କୁମୁଦ ଶତପଥୀ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ସଫଳ ଆୟୋଜନରେ ପ୍ରିୟଙ୍କା ଦେବୀ କଲେଜ ଅଫ୍ ? ନର୍ସିଂର କର୍ମକର୍ତ୍ତା ତଥା ଚାଇଲ୍ଡ ହେଲ୍ପଲାଇନ୍ ?ର ବିଭୂତି ଭୂଷଣ ସ୍ୱାଇଁଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ଶେଷରେ ନର୍ସିଂ କଲେଜର ଅଧ୍ୟାପକ କାଳୀପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଅହୋରାତ୍ର ଧାରଣା ଅଷ୍ଟାଦଶ ଦିବସରେ.......

# ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ର ହେବ

ଭୁବନେଶ୍ୱର, ୩/୯ : : ରାଜଧାନୀର ରାଜରାସ୍ତାରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନ କ୍ରମେ ଦିବାରାତ୍ରି ଗଣଧାରଣା ୧୮ ଦିନରେ ପହଞ୍ଚିଛି । ଖୋଲା ଆକଶ ତଳେ ମସା ଡାଆଁସ, ପାଗର ପ୍ରତିକୂଳତାକୁ ଖାତିର ନ କରି ଏବେବି ହଜାର ହଜାର ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷାକର୍ମଚାରୀ ଅହୋରାତ୍ର ଧାରଣାରେ ବସି ରହିଛନ୍ତି । ତେବେ ସରକାରଙ୍କ ପକ୍ଷରୁ ସାମାଜିକ ନ୍ୟାୟସଙ୍ଗତ ସମସ୍ୟା ଗୁଡ଼ିକର ସମାଧାନ ପାଇଁ କୌଣସି ବିଧିବଦ୍ଧ ପଦକ୍ଷେପ ନିଆଯାଇ ନଥିବାରୁ ଆନ୍ଦୋଳନକାରୀଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇଛି । ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ମୁଖ୍ୟ ଆବାହକ ରଞ୍ଜନ କୁମାର ଦାଶ ଅତ୍ୟନ୍ତ କ୍ଷୋଭର ସହ ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ, ଏ ଆନ୍ଦୋଳନ କେବଳ ଶିକ୍ଷକର ବୃତ୍ତିଗତ ସମସ୍ୟା ପାଇଁ ନୁହେଁ, ଏହା ସାଢ଼େ ତିନିହଜାରରୁ ଊର୍ଦ୍ଧ୍ୱ ଶିକ୍ଷାନୁଷ୍ଠାନର ସୁରକ୍ଷା ଓ ଏହି ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କର ଶିକ୍ଷା ସହିତ ଜଡ଼ିତ । ଓଡ଼ିଶା ବୋଧହୁଏ ଏକମାତ୍ର ରାଜ୍ୟ ଯେଉଁଠାରେ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷାକର୍ମଚାରୀମାନେ ନିଜର ହକ୍ ପାଇଁ ଦୀର୍ଘ ଦିନ ଧରି ସଂଗ୍ରାମରତ ଥିବାବେଳେ ସରକାର ସମସ୍ୟା ସମାଧାନ ଦିଗରେ ଏକ ନ୍ୟାୟ ସଙ୍ଗତ ବିଧି ମୁତାବକ ବ୍ୟବସ୍ଥା ସହିତ ପଥ ପରିଷ୍କାର କରୁ ନାହାନ୍ତି । ରାଜ୍ୟବାସୀ ଠିକ୍ ସମୟରେ ଏହାର ଉଚିତ ଜବାବ ଦେବେ, ଯାହାର ଫଳସ୍ୱରୂପ ଆଗାମୀ ଦିନରେ ସ୍ଥିତି ଅଧିକ ଜଟିଳରୁ ଜଟିଳତର ହେବାର ଆଶଙ୍କା ରହିଛି ।

ସୂଚନାଥାଉକି, ଶିକ୍ଷକ କର୍ମଚାରୀମାନେ ଦୀର୍ଘ ୧୮ ଦିନ ହେଲା ଗଣତାନ୍ତ୍ରିକ ପଦ୍ଧତିରେ ଶାନ୍ତିପୂର୍ଣ୍ଣ ଭାବରେ ଗାନ୍ଧିମାର୍ଗରେ ଦିନରାତି ଧାରଣରେ ବସି ରହିଛନ୍ତି । ଦୀର୍ଘଦିନ ଧରି ଶିକ୍ଷକ କର୍ମଚାରୀମାନେ ଦାବି ହାସଲ ପାଇଁ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ କରିଛନ୍ତି । ଆନ୍ଦୋଳନକୁ ସମର୍ଥନ ଜଣାଇ ସମସ୍ୟା ସମାଧାନ କରିବା ପାଇଁ ସରକାର ପ୍ରତିଶ୍ରୁତି ଦେଇଛନ୍ତି କିନ୍ତୁ ପ୍ରତିଶ୍ରୁତି ପାଳନ କରାଯାଉ ନାହିଁ । ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ଅନେକ ସମୟରେ ଶିକ୍ଷକମାନେ ଆନ୍ଦୋଳନରୁ ଓହରି ଯାଇଛନ୍ତି କିନ୍ତୁ ସରକାରଙ୍କର ମନୋବୃତ୍ତିରେ କୌଣସି ପରିବର୍ତ୍ତନ ଘଟିଥିବା କଥା ପରିଲକ୍ଷିତ ହେଉ ନାହିଁ । ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ଆଜି ବି ସରକାର ଖେଳ ଖେଳିବାରେ ବ୍ୟସ୍ତ ଅଛନ୍ତି । ଅନେକ ଥର ବିଭିନ୍ନ ସମୟରେ ଭିନ୍ନ ଭିନ୍ନ କମିଟିମାନ ଗଠନ କରି ଓ ସେମାନଙ୍କର ବୈଠକ ବସାଇ ରିପୋର୍ଟ ପାଇ ସାରିବା ପରେ ଯଦି ସମସ୍ୟା ସମାଧାନର ସୂତ୍ର ବାହାରି ନପାରେ ତା'ଠାରୁ ଦୁର୍ଭାଗ୍ୟର ବିଷୟ କ'ଣ ହୋଇପାରେ ବୋଲି ସମନ୍ୱୟ ସମିତି ତରଫରୁ ପ୍ରଶ୍ନ କରାଯିବା ସହ ଅସନ୍ତୋଷ ବ୍ୟକ୍ତ କରାଯାଇଛି । ଶିକ୍ଷକ କର୍ମଚାରୀମାନଙ୍କର ଦାବି ଗୁଡ଼ିକ ମଧ୍ୟରେ ସମସ୍ତ ଯୋଗ୍ୟବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ ସହିତ ଏହି ବିଦ୍ୟାଳୟ ଗୁଡ଼ିକରେ ଅଧ୍ୟୟନ ରତ ବିଦ୍ୟାର୍ଥିମାନଙ୍କୁ ମଧ୍ୟାହ୍ନ ଭୋଜନ, ଶିକ୍ଷା ଉପକରଣ, ପୋଷାକ, ସାଇକେଲ ଓ ଶିକ୍ଷାବୃତ୍ତି ଯୋଗାଇ ଦେବା, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକରେ ଅବସର ନେଇଥିବା ଓ ନେବାକୁଥିବା ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କ ପାଇଁ ପେନ୍ସନ୍ ଓ ଅବସରକାଳୀନ ସୁବିଧା ପ୍ରଦାନ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକରେ ଶୂନ୍ୟଥିବା ପଦବୀଗୁଡ଼ିକରେ ନିଯୁକ୍ତି, ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନୋସନାଲ୍ ଇନ୍‌କ୍ରିମେଣ୍ଟ ଦେବା ସହିତ ବରିଷ୍ଠତା ପ୍ରଦାନ, ଗ୍ରେଡ଼ପେରେ ଥିବା ଅସଙ୍ଗତି ଦୂରୀକରଣ, ଅବସର ବୟସସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରିବା, ସମାନ କାମକୁ ସମାନ ଦରମା ପ୍ରଦାନ କରିବା ଏବଂ ସମସ୍ତ ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟର ସରକାରୀକରଣ ଇତ୍ୟାଦି ।

ଆଜକୁ ଅଠର ଦିନ ହେଲା ଝଡ଼ଝଞ୍ଜା, ଶୀତକାକର, ମୁଣ୍ଡଫଟା ଖରା ଓ ତୁହାକୁତୁହା ବର୍ଷା ସହି ଶିକ୍ଷକ କର୍ମଚାରୀମାନେ ରାସ୍ତାରେ ପ୍ରତିବାଦ ଜଣାଉଛନ୍ତି, ନ୍ୟାୟ ମାଗୁଛନ୍ତି । ଅଥଚ ଯେଉଁମାନେ ଦାବି ପୂରଣର ପ୍ରତିଶ୍ରୁତି ଦେଇଥିଲେ ସେମାନେ ଏ ବାବଦରେ ପାଟି ଖୋଲୁ ନାହାଁନ୍ତି । ସରକାର ଆଲୋଚନା ମାଧ୍ୟମରେ ତାଙ୍କର ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ଓ ସମସ୍ୟା ସମାଧାନ ପାଇଁ ପ୍ରକ୍ରିୟା ଆରମ୍ଭ କରନ୍ତୁ । କାଳକ୍ଷେପଣ ନୀତି ପରିତ୍ୟାଗ କରି ସମାଧାନର ରାସ୍ତାକୁ ଆସନ୍ତୁ । ଶିକ୍ଷକ କର୍ମଚାରୀମାନଙ୍କ ଧୈର୍ଯ୍ୟକୁ ଆଉ ପରୀକ୍ଷା ନକରି ସେମାନଙ୍କର ଅଧିକାର ଫେରାଇ ଦିଅନ୍ତୁ ନହେଲେ ଆଗାମୀ ଦିନରେ ଶିକ୍ଷକ, ଛାତ୍ର, ଅଭିଭାବକ ଓ ପରିଚାଳନା କମିଟିର ସଦସ୍ୟ ଏକତ୍ର ହୋଇ ସରକାରଙ୍କୁ ଘେରିବେ ଓ ପରିସ୍ଥିତି ଯାହା ହେବ ।

# ବେଙ୍ଗାଲୁର ଠାରେ ଚଳାପଥର ସ୍ୱତନ୍ତ୍ର ସାହିତ୍ୟୋତ୍ସବ



ବାଙ୍ଗାଲୁର ,,୩/୯:ବାଙ୍ଗାଲର, ବିଭିଦତା ଭିତରେ ଓଡ଼ିଆ, ଭାଷା, ସାହିତ୍ୟ, ସଂସ୍କୃତି ତାର ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିଆସିଛି । କୋଣାର୍କର କଳା ଭାସ୍କର୍ଯ୍ୟ ଓ ଶ୍ରୀ ଜଗନ୍ନାଥଙ୍କର ପତିତପାବନବାନା ସମଗ୍ର ବିଶ୍ୱକୁ ଶାନ୍ତି ଓ ମୈତ୍ରୀର ବାର୍ତ୍ତା ପ୍ରଦାନ କରିଆସୁଛି ।

ଭାଷା ଗୋଟିଏ ଜାତିର ପରିଚୟ ସୃଷ୍ଟି କରିବା ସହ ତାର ଗୌରବ ବୃଦ୍ଧି କରିଥାଏ । ଭାରତବର୍ଷ ବହୁ ଭାଷୀ ହେଲେ ମଧ୍ୟ ଦେଶର ଭାଷା ଓ ସଂସ୍କୃତି ଭାରତୀୟମାନଙ୍କ ମଧ୍ୟରେ ଏକତାର ସେତୁବନ୍ଧ ତିଆରି କରିଥାଏ । ଯାହା ବିଶ୍ୱବାସୀଙ୍କୁ ଚକିତ କରି ଦେଇଛି ବୋଲି ବାଙ୍ଗାଲରଠାରେ ଓଡ଼ିଶାର ପୁରାତନ ସାହିତ୍ୟ ଓ ସଂସ୍କୃତି ଅନୁଷ୍ଠାନ ଚଳାପଥର ଏକ ସ୍ୱତନ୍ତ୍ର ସାହିତ୍ୟସ୍ତୋବ ବାଙ୍ଗାଲୋର ବହୁ ଭାଷୀ ସଂଗଠନ ଓ ଟି.ଜି.ଟି କର୍ମକର୍ତ୍ତାମାନଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ ଉତ୍ତର ପ୍ରଦେଶର ବିଶିଷ୍ଟ ସାହିତ୍ୟିକ, ଗବେଷକ ବର୍ଷୀଆନ କବି ଅନୀଲ କୁମାର ଶ୍ରୀବାସ୍ତ ଉଦ୍‌ଘାଟନ କରିଥିବା ବେଳେ ରାଜସ୍ଥାନର ବିଶିଷ୍ଟ ସାହିତ୍ୟିକ କବି କମଳେଶ କୁମାର କେଶୱାନୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଚଳାପଥର ପ୍ରତିଷ୍ଠାତା ସମ୍ପାଦକ ହଳଧର ଧୀର ଚଳାପଥ ସମ୍ପର୍କରେ ଆଲୋକପାତ କରିଥିଲେ । ଅତିଥିମାନଙ୍କ ମଧ୍ୟରେ ପ୍ରମୋଦ କୁମାର ଦୋକାନିଆ, ପ୍ରଶାନ୍ତ ପାରଖ, ଗୀତା ଅଗ୍ରୱାଲ, ସବନମ୍ ବାଲା, ରୁଚିକା ଭାର୍ଗବ, ଅଞ୍ଜଳୀ ପାରଖ, ଡକ୍ଟର ଏମ.କେ.ମାଲା, ହରିଓଂ ଅଗ୍ରୱାଲା, ସୁଦିପ୍ ଭାରର୍ଗଭ, ବିମଳ କୁମାର ଦାଗା, ସୁଶାନ୍ତ କୁମାର ପଣ୍ଡା, ଡକ୍ଟର ରଘୁନାଥନ୍ ପୋଟି, ବରିଷ୍ଠ ସାମ୍ବାଦିକ ଗୌତମ ଚକ୍ରଭର୍ତ୍ତୀ, ଲାଜପତ୍ ରାୟସାଚ୍‌ନ, ସଞ୍ଜୟ କୁମାର, ଅରୁଣ ଗାଭଲେ, ନରେନ୍ଦ୍ର ଶ୍ରୀବାସ୍ତବ, ସୁନୀଲ କୁମାର ବାରିୟର, ସଞ୍ଜୀବ ରାଓ ଓ ନରେନ୍ଦ୍ର ଯାଦବ ପ୍ରମୁଖ ଯୋଗଦେଇ ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଉତ୍ସୋବରେ ବାଙ୍ଗାଲୋରର ବିଶିଷ୍ଟ ଶିଳ୍ପପତି ତଥା ସାହିତ୍ୟିକ ହରିଓଂ ଅଗ୍ରୱାଲକୁ ତାଙ୍କର ବହୁମୁଖି ପ୍ରତିଭା ଲାଗି ଚଳାପଥ ସମ୍ମାନ-୨୦୨୬ ପ୍ରଦାନ କରାଯାଇଥିଲା।

# ମନୱ୍ୱର ଅଲ୍ଲୀଙ୍କ ଅନଶନ ୧୪ ଦିନରେ ପହଞ୍ଚିଲା

ଭୁବନେଶ୍ୱର, ୩/୯ : ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ସମେତ ୬ ଦଫା ଦାବୀରେ ନବନିର୍ମାଣ ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ଏମ.ଡ଼ି ମନୱ୍ୱର ଅଲ୍ଲୀଙ୍କ ସତ୍ୟାଗ୍ରହ ଓ ଅନଶନ ଆଜି ୧୪ ଦିନରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ସଂଗଠନ ପକ୍ଷରୁ ଲୋୟର ପିଏମଜି ଅନଶନ ସ୍ଥଳରୁ ରାଜମହଲ ଅଭିମୁଖେ ଶାନ୍ତିପୂର୍ଣ୍ଣ କ୍ୟାଣ୍ଡେଲ ମାର୍ଚ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନବନିର୍ମାଣ ଯୁବଛାତ୍ର ସଂଗଠନର ଉପଦେଷ୍ଟା ମଧୁମିତା ସାମଲଙ୍କ ନେତୃତ୍ୱରେ ନବନିର୍ମାଣ ଯୁବଛାତ୍ର ସଂଗଠନ, କୃଷକ ସଂଗଠନ ଏବଂ ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତାମାନେ ସନ୍ଧ୍ୟାରେ ଲୋୟର ପିଏମଜିରେ ଉପସ୍ଥିତ ହୋଇଥିଲେ। ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆମର ଦାବୀ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦିଅ ଇତ୍ୟାଦି ସ୍ଲୋଗାନ ଦେଇ ଶାନ୍ତିପୂର୍ଣ୍ଣ କ୍ୟାଣ୍ଡେଲ ମାର୍ଚ୍ଚ କରିଥିଲେ।

ସନ୍ଧ୍ୟାରେ ମନୱ୍ୱର ଅଲ୍ଲୀଙ୍କ ୧୪ ଦିନର ଅନଶନ ଓ ସତ୍ୟାଗ୍ରକୁ ସମର୍ଥନ ଜଣାଇ ବିଜୁ ଜନତା ଦଳର ରାଜ୍ୟ ଉପସଭାପତି ଦେବୀ ମିଶ୍ର ଏବଂ ବିଜୁ ଜନତା ଦଳର ପୂର୍ବତନ ଲୋକସଭା ସାଂସଦ ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ଅନଶନ ସ୍ଥଳରେ ପହଞ୍ଚି ମନୱ୍ୱର ଅଲ୍ଲୀଙ୍କ ଅହିଂସାତ୍ମକ ସଂଗ୍ରାମକୁ ପ୍ରଶଂସା କରିଥିଲେ। ଗଣଶିକ୍ଷା ମନ୍ତ୍ରୀ ନିଜ ବିଭାଗ ସମ୍ଭାଳିବାରେ ସଂପୂର୍ଣ୍ଣ ଅସମର୍ଥ, ତେଣୁ ମୁଖ୍ୟମନ୍ତ୍ରୀ ତାଙ୍କୁ ମନ୍ତ୍ରୀ ମଣ୍ଡଳରୁ ତୁରନ୍ତ ବହିଷ୍କାର କରି ସମାଧାନର ପଥ ଖୋଜନ୍ତୁ ବୋଲି କହିଥିଲେ। ଶ୍ରୀ କୁମାର ଅନଶନ ସନ୍ଦର୍ଭରେ ଆନ୍‌ଦୋଳନକୁ ଆଗକୁ ନେବା ପାଇଁ ଆଲୋଚ୍‌ନା କରିଥିଲେ।

ଆଜିର କାର୍ଯ୍ୟକ୍ରମରେ ନବନିର୍ମାଣ କୃଷକ ସଂଗଠନର ଉପଦେଷ୍ଟା ଡା. କୁଳମଣୀ, ଢେଙ୍କାନାଳ ପ୍ରଭାରୀ ଅଶ୍ୱିନୀ ଜେନା, କେନ୍ଦ୍ରାପଡ଼ାର ଅକ୍ରୁର ପଲାଇ, ଭୁବନେଶ୍ୱର ସଭାପତି ଅମିତ ଜେନା, ପୁରୀ ଜିଲ୍ଲା ସଭାପତି ସ୍ମୃତି ରଂଜନ ସାମଲ, ପଟିଆର ଏସ.କେ ହେଦାଇ, ଗଞ୍ଜାମ ଯୁବ ଛାତ୍ର ନେତା ଗଣେଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଇଂରାଜୀ ଦୈନିକ 'ନ୍ୟାସନାଲ ବିକନ୍' ଲୋକାର୍ପିତ




ଭୁବନେଶ୍ୱର, ୩/୯ : ଇଂରାଜୀ ଦୈନିକ ସମ୍ବାଦପତ୍ର 'ନ୍ୟାସନାଲ ବିକନ୍'ର ଉନ୍‌ମୋଚ୍‌ନ ହୋଇଯାଇଛି। ମଙ୍ଗଳବାର ସ୍ଥାନୀୟ ଜୟଦେବ ଭବନ ଠାରେ ଅନୁଷ୍ଠିତ ଲୋକାର୍ପଣ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ 'ନ୍ୟାସନାଲ ବିକନ୍'ର ପ୍ରଥମ ସଂସ୍କରଣ ଉନ୍‌ମୋଚ୍‌ନ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ପ୍ରସାଦ ହରିଚ୍‌ନ୍ଦନ, ବିଜେପିର ବରିଷ୍ଠ ନେତା ଶ୍ରୀ ମହେଶ ମହାନ୍ତି, ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର (ଡ.) ମୃଣାଳ ଚାଟାର୍ଜୀ ଏବଂ ବରିଷ୍ଠ ସାମ୍ବାଦିକ ଶ୍ରୀ ସନତ ମିଶ୍ର ଉପସ୍ଥିତ ଥିଲେ।
କାର୍ଯ୍ୟକ୍ରମରେ 'ନ୍ୟାସନାଲ ବିକନ୍'ର ସମ୍ପାଦକ ଦିଲୀପ କୁମାର ବିଶୋଇ ସଭାପତିତ୍ୱ କରିଥିଲେ। ଖବରକାଗଜର ପ୍ରତିଷ୍ଠାତା ଶେଖ ରିଆଜ ମହମ୍ମଦ ଏବଂ ପ୍ରକାଶିକା ମାସୁମା ୟାସ୍ ?ମିନ ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ପ୍ରକୃତି ମର୍ଦ୍ଦରାଜ।
ଏହି ଅବସରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ଗଣମାଧ୍ୟମ ସର୍ବଦା ଜନତାଙ୍କ ସ୍ୱର ହୋଇରହିଛି। ପାଠକଙ୍କ ହୃଦୟ ଜିତିବା ପାଇଁ 'ନ୍ୟାସନାଲ ବିକନ୍' ସାମ୍ବାଦିକତାର ମୂଲ୍ୟବୋଧ ଓ ନୈତିକତାକୁ ଅକ୍ଷୁର୍ଣ୍ଣ ରଖିବା ସହ ନିଷ୍ଠାର ସହିତ କାର୍ଯ୍ୟ କରିବା ଉଚିତ୍ ?। ସରକାରଙ୍କ ନିକଟରେ ଲୋକଙ୍କ ସମସ୍ୟା ନିଷ୍ଠାର ସହ ଉତ୍ ?ଥାପନ କରିବା ପ୍ରତ୍ୟେକ ଗଣମାଧ୍ୟମର ଧର୍ମ। ଏହି ଇଂରାଜୀ ଦୈନିକ ସେହି ମାର୍ଗରେ ଅଗ୍ରସର ହେବ ବୋଲି ଶ୍ରୀ ପୂଜାରୀ କହିଥିଲେ ।କଂଗ୍ରେସର ବରିଷ୍ଠ ନେତା ପ୍ରସାଦ ହରିଚ୍‌ନ୍ଦନ ଆଶା ପ୍ରକାଶ କରି କହିଥିଲେ ଯେ, 'ଡର ଉକ୍ଟଙ୍କଭଷ୍ୱ ଉଷବଷ୍ୱ ଗବଷ୍ୱଷ୍ୱରକ୍ଷ୍ୱ ଣକ୍ଟଙ୍କ' ନାରାକୁ ସାର୍ଥକ କରି 'ନ୍ୟାସନାଲ ବିକନ୍' ଲୋକଙ୍କ ସମସ୍ୟା ଓ ଦାବିକୁ ପ୍ରମୁଖତାର ସହ ଉଠାଇବା ସହ ବିକାଶର ପଥ ଦେଖାଇବ। ଶିକ୍ଷାବିତ୍ ପ୍ରଫେସର ମୃଣାଳ ଚାଟାର୍ଜୀ କହିଥିଲେ ଯେ, ସତ୍ୟ ଓ ନ୍ୟାୟ ସାମ୍ବାଦିକତାର ମାର୍ଗଦର୍ଶକ ହେବା ଉଚିତ। ସୋସିଆଲ ମିଡିଆର କୋଳାହଳ ମଧ୍ୟରେ ମଧ୍ୟ ମୁଦ୍ରିତ ଗଣମାଧ୍ୟମ ପାଇଁ ଯଥେଷ୍ଟ ସ୍ଥାନ ରହିଛି। କାରଣ ଖବରକାଗଜ ଘଟଣାବଳୀ ସମ୍ପର୍କରେ ଗଭୀର ଓ ବିସ୍ତୃତ ତଥ୍ୟ ପ୍ରଦାନ କରିଥାଏ ବୋଲି କହିଥିଲେ। ସଭା ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯାହା ଉପସ୍ଥିତ ଦର୍ଶକମାନଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିପାରିଥିଲା।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati
Executive Editor : Satyajit Mohapatra
Managing Editor : Jitendra Ku. Pati